**ହୋଲିରେ ଯୁବକଙ୍କୁ ଆକ୍ରମଣ ମାମଲା, ଆଉ ଜଣେ ଗିରଫ**

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା): ଜଣେ ଯୁବକଙ୍କୁ ଲୁହା ରଡରେ ଆକ୍ରମଣ ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭୀମଟାଙ୍ଗି ଅଞ୍ଚଳର ଚିତ୍ରସେନ ମହାପାତ୍ର। ଅଭିଯୋଗକାରୀ ବିରଞ୍ଚିନାରାୟଣ ବେହେରା ହୋଲି ଖେଳି ଫେରୁଥିବାବେଳେ ଚିତ୍ରସେନଙ୍କ ସହ ଅନ୍ୟତମ ଅଭିଯୁକ୍ତ ଚିଉ ଓରଫ ସରୋଜ କୁମାର ତ୍ରିପାଠୀ ଓ ସହଯୋଗୀମାନେ ତାଙ୍କୁ ଅଟକାଇବା ସହ ଶାର୍ଟ ଚିରି ଧକ୍କା ଦେଇଥିଲେ। ବିରଞ୍ଚି ବିରୋଧ କରିବାରୁ ସେମାନେ ଲୁହା ରଡ୍‌ରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ଏୟାରଫିଲ୍ଡ ଥାନା ପୋଲିସ ମାର୍ଚ୍ଚ ୮ରେ ଅଭିଯୁକ୍ତ ଚିଉଙ୍କୁ ଗିରଫ କରିଥିଲା।



## ସଂକ୍ଷେପରେ

### ସଚ୍ଚି ଦାସଙ୍କ ବିୟୋଗରେ ସ୍ମୃତିସଭା

ଭୁବନେଶ୍ୱର,୧୯।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡିଶା ନାଟ୍ୟ ଜଗତର ଭୀଷ୍ମ ପିତାମହ ନାଟ୍ୟ ସମ୍ରାଟ ଡ. ସଚ୍ଚିଦାସଙ୍କ ବିୟୋଗରେ ଓଡିଶା ନାଟ୍ୟ ସଂଘ ପକ୍ଷରୁ ଏକ ସ୍ମୃତିସଭା ସ୍ଥାନୀୟ ସାମ୍ବାଦିକ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ନାଟ୍ୟ ସଂଘ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଶୁଭକାନ୍ତ ପାଢ଼ୀ, ଉପ-ସଭାପତି ପ୍ରଦୀପ ବିଶ୍ୱାଳ, ଉପଦେଷ୍ଟା ଲଲାଟେନ୍ଦୁ ରଥ, ମିହିର ନେହେର, ଦେବାନନ୍ଦ ନାୟକ, ଅଭିନେତା ପ୍ରେମାଞ୍ଜନ ପରିଡା, ସୁବାସ ମହାପାତ୍ର, ଉପେନ୍ଦ୍ର ପତି, ମୁକୁନ୍ଦ ଶତପଥୀ, ନଳିନୀ ନିହାର ନାୟକ, ପରାଗ ପଟ୍ଟନାୟକ, ଫକିର ସିଂହ, ପଞ୍ଚାନନ ଦାସ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ନିରବ ପ୍ରାର୍ଥନା କରାଯାଇଥିଲା।

### ଭାଉଜ, ଭାଇ, ବାପାଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର,୧୯।୪ (ସୂର୍ଯ୍ୟକାନ୍ତ ବେହେରା)

ଘରେ ମାଂସ ତରକାରୀ ବଦଳରେ ନିରାମିଷ ହୋଇଥିବାରୁ ଭାଉଜଙ୍କୁ ଗାଳି କରିବା ସହ ଭାଇ ଓ ବାପାଙ୍କୁ ଆକ୍ରମଣ କରି ଗିରଫ ହୋଇଛନ୍ତି ଜଣେ ଯୁବକ। ଭାଉଜ ରିଙ୍କୁ ଦାସଙ୍କ ଅଭିଯୋଗ ପରେ ପୋଲିସ ଦିଅର ଦେବ ଦାସଙ୍କୁ ଗିରଫ କରିଛି ଧଉଳି ଥାନା ପୋଲିସ। ଅଭିଯୋଗନୁସାରେ, ଅଭିଯୁକ୍ତ ଦିଅର ଦେବ ନିଶାସକ୍ତ ଅବସ୍ଥାରେ ମାଂସ ଝୋଳ ଓ ଉଷୁନା ଭାତ ଖାଇବାକୁ ମାଗିଥିଲେ। ରିନୁ ଗୁରୁବାର ଓ ସୁଦସାବ୍ରତ ପାଇଁ ନିରାମିଷ ରୋଷେଇ ହୋଇଥିବା କହିଥିଲେ। ଏତିକିରେ ଦେବ ଭାଉଜ ରିନୁଙ୍କୁ ଗାଳିଗୁଲଜ କରିଥିଲେ। ଏତିକିବେଳେ ରିନୁଙ୍କ ସ୍ୱାମୀ ଶିବ ପହଞ୍ଚି ବିରୋଧ କରିବାରୁ ଦେବ ରାଗି ଏକ କଟୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଶିବଙ୍କର ବାମ ହାତ କାଣି ଆଙ୍ଗୁଠି ସମ୍ପୂର୍ଣ୍ଣ କଟିଯାଇଥିଲା। ଏହି ସମୟରେ ଶ୍ୱଶୁର ଓ ଦେଢ଼ଶ୍ୱର ଆସିବାରୁ ସେ ସେମାନଙ୍କୁ ମଧ୍ୟ ବିଧା ଗୋଇଠା ମାରିଥିବା ରିନୁ ଏତଲାରେ ଦର୍ଶାଇଛନ୍ତି।

# ମହିଳାଙ୍କ ହାତରେ ରାଜଧାନୀର ୧୧୩ ପାର୍କ

ଭୁବନେଶ୍ୱର,୧୯।୪ (ଅନୁରାଧା ମହାରଣା)

ରାଜଧାନୀ ଭୁବନେଶ୍ୱରରେ ବନ ବିଭାଗ ଅଧୀନରେ ୭ରୁ ଅଧିକ ଉଦ୍ୟାନ ରହିଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପାଖାପାଖି ୬୦ଟି ଛୋଟ ବଡ଼ ପାର୍କର ଦାୟିତ୍ୱ ତୁଲାଉଛି। ମାତ୍ର ରାଜଧାନୀର ମହିଳାମାନେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଶତାଧିକ ମିନି ପାର୍କର ରକ୍ଷଣାବେକ୍ଷଣ କରୁଛନ୍ତି। ସହରାଞ୍ଚଳର ଆର୍ଥିକ ଅନଗ୍ରସର ମହିଳାଙ୍କୁ ରୋଜଗାରକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ(ମୁକ୍ତା) ଆରମ୍ଭ ହୋଇଥିବାବେଳେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ମହିଳାମାନେ ଏଥିରେ ସାମିଲ ହେଉଛନ୍ତି। ତେବେ ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ୧୧୩ଟି ମିନି ପାର୍କର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ସହ ବିଭିନ୍ନ ଦାୟିତ୍ୱ ତୁଲାଉଛନ୍ତି ମହିଳା। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ସେମାନେ



କଳିଙ୍ଗନଗର ଅନ୍ତର୍ଗତ କଳିଙ୍ଗ ବିହାରରେ ଥିବା ପାର୍କରେ କାର୍ଯ୍ୟରତ ମହିଳାମାନେ।

ଅଧ ଏକରରୁ କମ୍ ପରିମିତ ଅଞ୍ଚଳରେ ଗଢ଼ି ଉଠିଥିବା ପାର୍କରେ ଶ୍ରମ ଦାନ କରିବା ସହ ଦକ୍ଷତା ଓ କଳା ପ୍ରଦର୍ଶନ କରୁଛନ୍ତି। ମହିଳାଙ୍କ ଏହି ଉଦ୍ୟମ ସହରକୁ ଏକ ନୂଆ ରୂପ ଦେବାରେ ସହାୟକ ହୋଇପାରିଛି। ବିଭିନ୍ନ ପାର୍କରେ ବୃକ୍ଷରୋପଣଠାରୁ ଆରମ୍ଭ କରି ୱାଲ୍ ପେଣ୍ଟିଂ, ଚଲାପଥ ନିର୍ମାଣ, ପିଲାଙ୍କ ଖେଳିବା ସାମଗ୍ରୀ ଓ ବ୍ୟାୟାମ ପାଇଁ ବ୍ୟବହାର ହେଉଥିବା ଉପକରଣ ଲଗାଇ ପାର୍କଗୁଡ଼ିକୁ କାର୍ଯ୍ୟକ୍ଷମ କରୁଛନ୍ତି। ଏଥିପାଇଁ ଆୟତନ ଅନୁସାରେ ପ୍ରତି ପାର୍କ ପିଛା ଏସ୍‌ଏଚ୍‌ଜିକୁ ୧୦ରୁ ୨୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଥିବାବେଳେ ଲାଭାଂଶରେ ମହିଳାମାନେ ଉପକୃତ ହେଉଛନ୍ତି। ସେମାନେ ସହରର ଦକ୍ଷିଣ-ପୂର୍ବ ଜୋନ୍‌ରେ ୩୫ଟି, ଉତ୍ତର ଜୋନ୍‌ରେ ୩୨ଟି ଏବଂ ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ସର୍ବାଧିକ ୪୬ଟି ମିନିପାର୍କର ସୌନ୍ଦର୍ଯ୍ୟକରଣ କରିବା ସହ ଏହାକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ୱାର୍ଡ ନଂ. ୨୩ରେ ସର୍ବାଧିକ ୯ଟି ପାର୍କ ମହିଳାଙ୍କ ଦାୟିତ୍ୱରେ ରହିଛି। ପ୍ରତି ପାର୍କର ରକ୍ଷଣାବେକ୍ଷଣା ପାଇଁ ୧୦ରୁ ୧୨ ଜଣ ଲେଖାଏ ମହିଳା ନିୟୋଜିତ ହୋଇଥିବାବେଳେ ସହରର ପାଖାପାଖି ୧୨୦୦ ମହିଳା ଏହାଦ୍ୱାରା ସ୍ୱାବଲମ୍ବୀ ହୋଇପାରିଛନ୍ତି।

### ମହିଳାଙ୍କ ଉଦ୍ୟମଙ୍କୁ ପ୍ରଶଂସା କରିଥିଲେ ବିଲ୍ ଗେଟ୍‌ସ

ମାଇକ୍ରୋସଫ୍ଟର ପୂର୍ବତନ ସିଇଓ ତଥା ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେଶନର ଅନ୍ୟତମ ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଗତ ଫେବୃଆରୀରେ ଓଡ଼ିଶା ଗସ୍ତରେ ଆସି କଳିଙ୍ଗ ନଗର ପାର୍କ ପରିଦର୍ଶନ କରିବା ସହ ଏହାର ପରିଚାଳନା ଦାୟିତ୍ୱରେ ଥିବା ମହିଳାଙ୍କ ସହ ଆଲୋଚନା କରିଥିଲେ। ମହିଳାଙ୍କ ଉଦ୍ୟମ, କର୍ତ୍ତବ୍ୟନିଷ୍ଠାକୁ ଗେଟ୍‌ସ ଖୁବ୍ ପ୍ରଶଂସା କରିଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କ ସହ କଥା ହେବା ସମୟରେ ସେମାନଙ୍କୁ ସେ ପ୍ରେରଣାର ଉତ୍ସବ ବୋଲି କହିଥିଲେ। ଏହି ଗସ୍ତ ସମୟର ଏକ ଭିଡିଓ ସୋସିଆଲ ମିଡିଆ 'ଏକ୍ସ'ର ଗେଟ୍‌ସ ଫାଉଣ୍ଡେଶନ ଇଣ୍ଡିଆ ଆକାଉଣ୍ଟରେ ମଧ୍ୟ ପୋଷ୍ଟ କରାଯାଇଥିବାବେଳେ ଏହାକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ପସନ୍ଦ କରିବା ସହ ମହିଳାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

### ପରିବେଶ ପାଇଁ କିଛି କରିପାରୁଛୁ

ଆମେ ନିଜ ଘରର ଯେମିତି ରକ୍ଷଣାବେକ୍ଷଣ କରିଥାଉ, ନିଜ ସହର ପ୍ରତି ମଧ ସେପରି ଦାୟିତ୍ୱ ତୁଲାଇବାକୁ ପଡିବ। ଖରା ବଢୁଛି, ପାର୍କରେ ଥିବା ଗଛଗୁଡ଼ିକର ଯତ୍ନ ନେବା ଜରୁରୀ। ଅନ୍ୟ ରାଜ୍ୟର ସହର ବଢ଼ିଚାଲିବା ସହ ସବୁଜିମା କମିବାରେ ଲାଗିଛି।



ଏପରିସ୍ଥଳେ ଆମେ ରୋଜଗାର ତ ପାଇଛୁ ପରିବେଶ ପାଇଁ କିଛି କରିପାରିବାର ସୁଯୋଗ ମିଳିଥିବାରୁ ଆତ୍ମସନ୍ତୋଷ ମଧ ମିଳୁଛି।

- ଶୋଭାବତୀ ମିଶ୍ର

### ସ୍ୱାବଲମ୍ବୀ ହୋଇ ପରିବାରକୁ ଆର୍ଥିକ ସହଯୋଗ କରୁଛୁ

ମୁଁ +୩ ପାଠ ପଢ଼ିଛି। ସେତେବେଳର ପରିସ୍ଥିତି ଭିନ୍ନ ଥିଲା। ତେଣୁ ରୋଜଗାର କଥା ଚିନ୍ତା କରିପାରି ନ ଥିଲି। ମାତ୍ର ଅନ୍ୟ ମହିଳାଙ୍କ ଭଳି ମୁଁ ମଧ ସ୍ୱାବଲମ୍ବୀ ହୋଇପାରିଛି। ବର୍ତ୍ତମାନ ନିଜ ପରିଶ୍ରମରେ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିପାରୁଛି। ନିଜ ବାଡି ବଗିଚାରେ କାମ କଲେ ଯେପରି



ଫୂର୍ତ୍ତି ଲାଗେ ଏଠାରେ ସେପରି ଲାଗୁଛି। ଅଧିକ ଦି ପଇସା ଘରକୁ ଆସୁଛି। ମହିଳାମାନେ ଏକାଠି ମିଳିମିଶି କାମ କରୁଥିବାରୁ ସାମାଜିକ ଚଳଣି ମଧ ସୁଧୁରୁଛି।

- ସ୍ମରିତା ଜେନା

### ଘରୋଇ ପରିବେଶରେ ରୋଜଗାର ଭଲ ଲାଗୁଛି

ମୁକ୍ତା ଯୋଜନାରେ ଅନ୍ୟାନ୍ୟ କାର୍ଯ୍ୟ ରହିଛି। ମାତ୍ର ମିନି ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ମିଳିଥିବାରୁ ଘରୋଇ ପରିବେଶରେ କାମ କଲା ଭଳି ଲାଗୁଛି। ସବୁବେଳେ ଘର କାମରେ ବାନ୍ଧି ହୋଇ ରହିଲା ଭଳି



ଲାଗୁଥିଲା। ବର୍ତ୍ତମାନ ସକାଳ ସନ୍ଧ୍ୟାରେ ପାର୍କରେ ପାଣିଦେବାକୁ ଗଲେ ଖୁବ୍ ଭଲ୍ ଲାଗୁଛି। ରୋଜଗାରର ବାଟ ମଧ ଫିଟିଛି।

- ରଶ୍ମିତା ବିଶ୍ୱାଳ

### କର୍ତ୍ତବ୍ୟ କରୁଛୁ, ସହର ଅଧିକ ସୁନ୍ଦର ହେଉଛି

ଭୁବନେଶ୍ୱରରେ ଏତେ ପାର୍କ ଅଛି ବୋଲି ଜାଣି ନ ଥିଲୁ। ବର୍ତ୍ତମାନ ନିଜ ପାର୍କର ସୌନ୍ଦର୍ଯ୍ୟକରଣ କଲାବେଳେ ଅନ୍ୟ ମହିଳାମାନେ ନେଇଥିବା ପାର୍କ ମଧ ବୁଲି ଦେଖୁଛୁ।



ପ୍ରତିଯୋଗିତା ମୂଳକଭାବେ ପାର୍କରେ କାମ କରୁଛୁ। ଏହା ଆମ ସହରକୁ ଅଧିକ ସୁନ୍ଦର କରୁଛି। ଟଙ୍କା ପଇସାର ହିସାବ କିତାବ ରଖୁଛୁ।

- ଲିପିକା ପ୍ରହରାଜ

### କଳା ଦେଖାଇବାର ସୁଯୋଗ ମିଳିଛି

ଆମ ମନରେ ସାଜସଜ୍ଜାକୁ ନେଇ ଅନେକ ଯୋଜନା ରହିଥିବାବେଳେ ତାହାକୁ ପରିପ୍ରକାଶ କରିପାରୁନା। ଏବେ ଏହି କଳା ଦେଖାଇବାର ସୁଯୋଗ ମିଳିଛି। ୱାଲ୍ ପେଣ୍ଟିଂଠାରୁ ଆରମ୍ଭ କରି ଗଛ ଓ ଘାସରେ କଳାକୃତି ଦେଖାଇ ପାରିବୁ। କେବଳ



ଆମ ପିଲାଙ୍କ ପାଇଁ ନୁହେଁ, ଏଠାକୁ ପ୍ରତିଦିନ ଖେଳିବାକୁ ଆସୁଥିବା ଆମ ଆଖପାଖ ଅଞ୍ଚଳର ସବୁ ପିଲାଙ୍କ ପାଇଁ କିଛି କରିପାରିଛି ବୋଲି ଭାବୁଛି।

- ତ୍ରିବେଣୀ ନାୟକ

## ରିଦ୍ୱିକ, ମହେଶଙ୍କୁ ନାଟ୍ୟଶାଳା ସମ୍ମାନ

**ଶ୍ରୀଦଶାବତାର ନାଟ୍ୟଶାଳାର 'ନୃତ୍ୟ ବର୍ଣ୍ଣାଳୀ'**



ଭୁବନେଶ୍ୱର,୧୯।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ରୀ ଦଶାବତାର ନାଟ୍ୟଶାଳା ପକ୍ଷରୁ 'ନୃତ୍ୟ ବର୍ଣ୍ଣାଳୀ' ଉତ୍ସବ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅତିଥି ଭାବେ ଲେଖିକା ଶୁଭଶ୍ରୀ ପଟ୍ଟନାୟକ, ସମାଜସେବୀ ଅନ୍ନପୂର୍ଣ୍ଣା ମହାନ୍ତି ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର କନିଷ୍ଠ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ଅତିଥି ଭାବେ ସାହିତ୍ୟିକ ଜୟକୃଷ୍ଣ ସାମଲ ଏବଂ ଭାସ୍କର ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ରିଦ୍ୱିକ ପଟ୍ଟନାୟକ ଏବଂ ଡ. ମହେଶ ପ୍ରସାଦ ରାଉତଙ୍କୁ 'ନାଟ୍ୟଶାଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ନିକଟରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ସମ୍ମାନିତ ହୋଇଥିବା ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟ ଏବଂ ଗୁରୁ ନିରଞ୍ଜନ ରାଉତଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ମମତା ଶତପଥୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସାଗର କୁମାର ସଂଯୋଜନା କରିଥିଲେ।



ରୁକୁଣା ରଥରୁ ଶ୍ରୀଜୀଉଙ୍କ ଚଳନ୍ତିପ୍ରତିମାଙ୍କୁ ରାମେଶ୍ୱର ମନ୍ଦିରକୁ ପହଣ୍ଡି ବିଜେରେ ନିଆଯାଉଛି।

## ହଳଧର ଧୀରଙ୍କ 'ମରୁପଥର ଯାତ୍ରୀ' ଉନ୍ମୋଚିତ



ଗ.........

ଭୁବନେଶ୍ୱର,୧୯।୪(ଶର୍ମିଷ୍ଠା ପାଣିଗ୍ରାହୀ)

ପାଠକର ହୃଦୟକୁ ଛୁଇଁବା ପରି ପୁସ୍ତକ ରଚନା ହେବା ଆବଶ୍ୟକ। ପ୍ରତ୍ୟେକ ଓଡ଼ିଆ ଖଣ୍ଡିଏ ଖଣ୍ଡିଏ ଓଡ଼ିଆ ପୁସ୍ତକ କିଣି ଓ ପଢ଼ି ଅବକ୍ଷୟ ମୁଖୀ ଓଡ଼ିଆ ଭାଷାକୁ ସୁରକ୍ଷା ପ୍ରଦାନ କରିବା ଉଚିତ। ଚଲାପଥ ଓ ଏଥେନା ବୁକ୍ସ ପକ୍ଷରୁ ସାମ୍ବାଦିକ ତଥା କବି ହଳଧର ଧୀରଙ୍କ କବିତା ସଂକଳନ 'ମରୁପଥର ଯାତ୍ରୀ'ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ଉତ୍ସବର ଉଦ୍‌ଘାଟକ ଭାବେ ସାହିତ୍ୟିକ ଅମରେଶ ପଟ୍ଟନାୟକ, ମୁଖ୍ୟ ଅତିଥି ଭାବେ କବି ରକ୍ଷକ ନାୟକ, ସମ୍ମାନିତ ଅତିଥି ପ୍ରଫେସର ଡ. ସଙ୍ଘମିତ୍ରା ଭଞ୍ଜ ପ୍ରମୁଖ ଯୋଗଦେଇ କବିତା ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରକାଶକ ରାଜକିଶୋର ଦାସ, ଶିକ୍ଷାବିତ୍ ଭ୍ରମରବର ମଙ୍ଗରାଜ, ଓଡ଼ିଶା ଟୁଡ଼େର ସମ୍ପାଦକ ଅବିନାଶ ମିଶ୍ର, ବରିଷ୍ଠ ସାମ୍ବାଦିକ ହୃଷୀକେଶ ମହାନ୍ତି, ସମାଜ ସେବୀ ସ୍ୱରୂପ ନାୟକ, ପୁସ୍ତକର ରୂପକାର ରଞ୍ଜନା ପଟ୍ଟନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରହସ୍ୟ, ବାସ୍ତବବାଦୀ ନାଟକ 'ଆପଣମାନେ ଖୁସି ତ'

ଭୁବନେଶ୍ୱର,୧୯।୪(ଶର୍ମିଷ୍ଠା ପାଣିଗ୍ରାହୀ)

**ଶତାବ୍ଦୀର କଳାକାରର ୪୯ତମ ପ୍ରତିଷ୍ଠା ଉତ୍ସବ**

ରାଜ୍ୟରେ ରାଜା ଖୁସି ନୁହନ୍ତି। ବିଶିଷ୍ଟ ବ୍ୟବସାୟୀ ମଧ ଖୁସି ନୁହନ୍ତି। ସୁପରଷ୍ଟାର ଖୁସି ନୁହନ୍ତି କି ପ୍ରଜା ମଧ ଖୁସି ନୁହନ୍ତି। ସମସ୍ତେ ଖୁସିର ସନ୍ଧାନରେ ବାହାରି ପଡ଼ିଛନ୍ତି। ହେଲେ କାହାକୁ ଖୁସି ମିଳୁନି। ଖୁସି ଖୋଜି ଖୋଜି ଶେଷରେ ସତ୍ୟବାଦୀ ନାମରେ ଜଣେ ଚୋର ରାଜ୍ୟର ରାଜାଙ୍କୁ ଖୁସି ହେବାର ବାଟ ବତାଉଛନ୍ତି। ଚୋର ସାହାଯ୍ୟରେ ରାଜା ଜଣେ ଭିକାରି ପାଖରେ ପହଞ୍ଚି ତା' ଠାରୁ ଖୁସି ହେବାର ଗୂଢ଼ ରହସ୍ୟ ଜାଣିପାରୁଛନ୍ତି। ଏଭଳି ଏକ ରହସ୍ୟ ଓ ବାସ୍ତବବାଦୀ ବିଷୟକୁ ନେଇ ଶତାବ୍ଦୀର କଳାକାର ପକ୍ଷରୁ ଆଲୋକ ଅଗ୍ନିବେଶଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଆପଣମାନେ ଖୁସି ତ' ଶୁକ୍ରବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ମଞ୍ଚସ୍ଥ ହୋଇଛି।

ଅନୁଷ୍ଠାନର ୪୯ତମ ପ୍ରତିଷ୍ଠା ଉତ୍ସବ ଅବସରରେ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ନାଟ୍ୟକାର ଶଙ୍କର ତ୍ରିପାଠୀ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ସଭାପତି ଗୌରହରି ଦାସଙ୍କ ସମେତ ଅତିଥିମାନେ ଶତାବ୍ଦୀର କଳାକାର ଅଭିନୟ ସ୍କୁଲର ୩୦ତମ ବ୍ୟାଚର ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଧୀର ମଲ୍ଲିକ ସଭା ପରିଚାଳନା କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ଚନ୍ଦନ, ରତୁରାଜ, ସୌମ୍ୟା, ପ୍ରଗତି, ମଳୟ, ଆଶିଷ, ଟିଙ୍କୁ, ସ୍ମୃତି, ସଂଘମିତ୍ରା, ରାଜ, ଶିବୁ, ମୋନାଲିସା, ବର୍ଷା, ଟିଙ୍କି ପ୍ରମୁଖ ଅଭିନୟ କରିଥିଲେ।



ନାଟକ 'ଆପଣମାନେ ଖୁସି ତ'ର ଏକ ଦୃଶ୍ୟ।

## ଓଡ଼ିଶୀ, ଲୋକନୃତ୍ୟରେ ଦର୍ଶକ ବିଭୋର

ପୁରୁଣା ଭୁବନେଶ୍ୱର,୧୯।୪ (ସୁବାସ ଚନ୍ଦ୍ର ପ୍ରଧାନ)

**ଲିଙ୍ଗରାଜ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଚତୁର୍ଦ୍ଦଶ ଲିଙ୍ଗରାଜ ମହୋତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ପ୍ରଥମେ କଟକ କଳାବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ଓ ଲୋକନୃତ୍ୟ ପରିବେଷଣ ହୋଇଥିଲା। କୋଲକାତାର ତାପସ ଦେବାନାଥ ଓ ସାଥୀଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷଣ ହୋଇଥିଲା। ପରେ ବର୍ଦ୍ଧମାନରୁ ଆସିଥିବା ଗୁରୁ ପେଲମୀ ମୁଖାର୍ଜୀଙ୍କ ଏକକ ଓଡ଼ିଶୀ ନୃତ୍ୟ, ତାଳଚେରରୁ ଆସିଥିବା ଗୁରୁ ଶଙ୍କର ବାଇ ଓ ସାଥୀଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି କେନ୍ଦୁଝରରୁ ଆସିଥିବା ବୀଣାପାଣି କଳାନିକେତନ ପକ୍ଷରୁ ଲୋକ ନୃତ୍ୟ, ବ୍ରହ୍ମପୁରର ଲକ୍ଷ୍ୟ ମଞ୍ଜରୀ ଅନୁଷ୍ଠାନର କଳାକାରଙ୍କ ଲୋକନୃତ୍ୟ, କଟକର ନୃତ୍ୟାୟନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ କ୍ରିଏଟିଭ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଏଥିରେ ଅତିଥିଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର, ବିଶ୍ୱବାଣୀ ସମ୍ପାଦକ ଅର୍ଜୁନ ଚରଣ ମୁଦୁଲି, ଓଡିଏମ ସ୍କୁଲ ଅଧକ୍ଷ ଡ.ସତ୍ୟବ୍ରତ ମିନକେତନ, ବ୍ୟାଙ୍କ ଅଫ୍ ବରୋଦା ଆଞ୍ଚଳିକ ମୁଖ୍ୟ ରାଜୀବ କ୍ରିଷ୍ଣା, ଚିନ୍ତା ଚେତନାର ମହାସଚିବ ସୁରେନ୍ଦ୍ର ଦାସ, ଦିଲୀପ ହାଲି, ବିନୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ଲିଙ୍ଗରାଜ ସାହୁ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ବିଶ୍ୱନାଥ ମହାପାତ୍ର, ଗଣେଶ ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଲିଙ୍ଗରାଜ ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ

ବାଣପୁର,୧୯।୪(ଦିଲୀପ ସ୍ୱାଇଁ)

ନାଚୁଣୀ ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଦିନକୁ ଦିନ ମାଙ୍କଡ଼ା ପଥର ଓ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ଗୁରୁବାର ବିଳମ୍ବିତ ରାତିରେ ବେଆଇନ ଭାବେ ଚାଲାଣ ହେଉଥିବା ଏକ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ୍ ନିକଟରୁ ଜବତ ହୋଇଛି। ସୂଚନା ମୁତାବକ, ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ୩ଟି ଟାଟା ଏସିଇରେ ୬ଟି ମଇଁଷି ଥିବା ଦେଖି ଉକ୍ତ ଗାଡ଼ିକୁ ଅଟକାଇ ଗମ୍ଭାରୀମୁଣ୍ଡା ବିଟ୍ ହାଉସ୍ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା (ଓଆର ୦୭ କ୍ୟୁ ୧୪୩୧) ନମ୍ବରବିଶିଷ୍ଟ ପଥର ବୋଝେଇ ଗାଡ଼ିକୁ ସନ୍ଦେହରେ ଫାଣ୍ଡି ଅଧିକାରୀ ଅଟକାଇଥିଲେ। ଚାଳକ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଉକ୍ତ ଗାଡ଼ିକୁ ଜବତ କରାଯାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୪୭/୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### କଳାକାର ରାଉଳ ମହାପାତ୍ରଙ୍କ ପରଲୋକ

ବେଗୁନିଆ,୧୯।୪(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମର କଳାକାର ରାଉଳ ମହାପାତ୍ର (୯୨)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଏକଧାରାରେ ମୃଦଙ୍ଗ, ପଖଜ, ଖଞ୍ଜଣୀ ଓ ଟିକିରା ବାଦ୍ୟକାର ଭାବେ ପରିଚିତ ଥିଲେ। ନିଜ ଗ୍ରାମରେ ଅଭିନୀତ ପ୍ରଥମ ନାଟକ 'ରାମରାଜ୍ୟ' ରେ ଅଭିନୟ କରି ସେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଉଳଙ୍କୁ ଗ୍ରାମ ରଜ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଚକ୍ଷୁ ପରୀକ୍ଷଣ ଶିବିର

ଟାଙ୍ଗୀ,୧୯।୪(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକର ବାଲିପାଟପୁର ପଞ୍ଚାୟତରେ ଥିବା ମା' ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ଶୁକ୍ରବାର ଏକ ଦାତବ୍ୟ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୦ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ସେଥିମଧ୍ୟରୁ ୮ଜଣ ରୋଗୀଙ୍କୁ ଅପରେଶନ ପାଇଁ ଭୁବନେଶ୍ୱର ନିଆଯାଇଛି। ଡା. ବି.ପି.ସାମଲ. ଡା. ଭରତ ଜେନା, ସହାୟକ ସତ୍ୟ ପରିଡା, ନିଖିଳ ଭୋଳଙ୍କ ଦ୍ୱାରା ପରୀକ୍ଷଣ କରାଯାଇଥିଲା। ମଙ୍ଗଳା ଯୁବକସଙ୍ଘର ସଭାପତି ଦୟାନିଧି ବେହେରା, ଉପସଭାପତି ନାରାୟଣ ବେହେରା, ସଭ୍ୟ ଅଜୟ ବେହେରା ଏବଂ କୃପାସିନ୍ଧୁ ବେହେରା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଛିଣ୍ଣୁନି ବିଜେଡି, ଭାଜପାର ଅଙ୍କ

ଖୋର୍ଦ୍ଧା/ବେଗୁନିଆ,୧୯।୪(ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)

**ପ୍ରାର୍ଥୀ ଘୋଷଣା ବିଳମ୍ବ: ଦ୍ୱନ୍ଦ୍ୱରେ ନେତା, କର୍ମୀ**

ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଦଳବଦଳ ଚାଲିଥିବା ବେଳେ ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ନେଇ ଆଶାୟୀ ଓ କର୍ମୀ ଦ୍ୱନ୍ଦ୍ୱରେ ରହିଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଲୋକସଭା ପ୍ରାର୍ଥୀଭାବେ ଭାଜପାର ଅପରାଜିତା ଷଡ଼ଙ୍ଗୀ, ବିଜେଡିର ମନ୍ମଥ ରାଉତରାୟ ଏବଂ କଂଗ୍ରେସର ୟାସିର ନୱାଜ ରହିଛନ୍ତି। ତେବେ ଏହି ସଂସଦୀୟ ଅନ୍ତର୍ଗତ ଖୋର୍ଦ୍ଧା ଓ ବେଗୁନିଆରୁ ବିଜେଡି, ଭାଜପା କାହାକୁ ପ୍ରାର୍ଥୀ କରିବେ ତାହାକୁ ନେଇ ଏପର୍ଯ୍ୟନ୍ତ ଚିତ୍ର ଅସ୍ପଷ୍ଟ ରହିଛି। ବେଗୁନିଆରୁ କଂଗ୍ରେସ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ଖୋର୍ଦ୍ଧା ଆସନ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହିଁ। ଖୁବଶୀଘ୍ର ଭାଜପା ସମସ୍ତ ବଳକା ପ୍ରାର୍ଥୀ ତାଲିକା ଘୋଷଣ କରିବ ବୋଲି ଓଡ଼ିଶା ପ୍ରଭାରୀ ବିଜୟ ସିଂ ତୋମାର ଗଣମାଧ୍ୟମକୁ କହିଥିବା ବେଳେ ଏଯାଏଁ ପ୍ରାର୍ଥୀ ତାଲିକା ଝୁଲି ରହିଛି। ସେପଟେ ବିଜେଡିରେ ଏହି ଆସନ ପାଇଁ ଆଶାୟୀଙ୍କ ଲମ୍ଫାଧାଡି ଲାଗି ରହିଛି। ଚଳିତ ବର୍ଷ ବିଜେଡି ଏହି ଦୁଇ ଆସନରେ ମହିଳା କାର୍ଡ ଖେଳିପାରେ ବୋଲି ସମୀକ୍ଷକ କହିଲେଣି। ଏହି ଦୁଇ ଆସନରେ ବହୁ ଆଶାୟୀ ରହିଛନ୍ତି। ଖୋର୍ଦ୍ଧା ପାଇଁ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ପୁଣି ଥରେ ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧିଥିବା ବେଳେ ବରିଷ୍ଠ ନେତ୍ରୀ ବାସନ୍ତି ମହାପାତ୍ର ଦୁଇ ବର୍ଷ ପୂର୍ବରୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ସେ ସମର୍ଥକଙ୍କୁ ନେଇ ଶଙ୍ଖ ଭବନ ଆଗରେ ନିଜ ଶକ୍ତି ପ୍ରଦର୍ଶନ ମଧ୍ୟ କରିଥିଲେ। ସେପଟେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ଖୋର୍ଦ୍ଧା ଉପରେ ନଜର ରହିଛି। ସେ ଏଠାରୁ ଦୁଇ ବିଧାୟକ ରହିଥିଲେ। ସେ ମଧ୍ୟ ଦୁଇବର୍ଷ ପୂର୍ବରୁ ଏଥିଲାଗି ଲବି ଆରମ୍ଭ କରିଦେଇଥିବା ଚର୍ଚ୍ଚା ହେଉଛି। ଭାଜପାରୁ କାଳୁଚରଣ ଖଣ୍ଡାୟତରାୟ ଦାବିଦାର ରହିଥିବା ବେଳେ ଚିଲିକା ବିଧାୟକ ତଥା ଭାଜପା ନେତା ପ୍ରଶାନ୍ତ ଜଗଦେବଙ୍କ ଦଳରେ ଯୋଗଦାନ ପରେ ତାଙ୍କ ନାଁ ଚର୍ଚ୍ଚାକୁ ଆସିବା ପରେ ସମର୍ଥକ ଏହାର ବିରୋଧ କରିଛନ୍ତି। ଭାଜପା ଏଠାରୁ କାହାକୁ ପ୍ରାର୍ଥୀ କରିବ, ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। କଂଗ୍ରେସ ଯୁବ ନେତୃତ୍ୱକୁ ଗୁରୁତ୍ୱ ଦେଇପାରେ ବୋଲି କୁହାଯାଉଛି। ବେଗୁନିଆରେ ବିଜେଡି ପାଇଁ ଆଶାୟୀଙ୍କ ପାଇଁ ଲମ୍ଫାଧାଡି ରହିଛି। ରାତି ପାହିଲେ, ଏଠାରୁ ନୂଆ ମୁହଁକୁ ନେଇ ଚର୍ଚ୍ଚା ଜାରି ରହିଛି। ଦଳ କାହାକୁ ଏଠାରୁ ଟିକେଟ ଦେବ, ତାହାକୁ ନେଇ କର୍ମୀଙ୍କଠାରୁ ନେତା ପର୍ଯ୍ୟନ୍ତ ସମସ୍ତେ ଆଶାଙ୍କାରେ ରହିଛନ୍ତି। ଭାଜପା ଗତ ନିର୍ବାଚନର ପ୍ରାର୍ଥୀ ଋଷଭ ନନ୍ଦଙ୍କ ନିର୍ବାଚନ ଫଳାଫଳ ପରେ ତାଙ୍କର ଦେଖାମିଳୁନାହିଁ। ଦଳର ବରିଷ୍ଠ ନେତା ଯତିନ ମହାନ୍ତିଙ୍କୁ ଅପରାଜିତାଙ୍କ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ଭାଜପାର କେତେଜଣ ଅସନ୍ତୁଷ୍ଟ କର୍ମୀ ବେଗୁନିଆ-ବୋଲଗଡ଼ର ୪୦ଟି ପଞ୍ଚାୟତରେ ଥିବା କର୍ମୀମାନଙ୍କ ମତାମତ ନେଇ ପ୍ରାର୍ଥୀ ଦେବା ପାଇଁ ସେମାନେ ବାରମ୍ବାର ଦାବି କରି ଆସୁଛନ୍ତ। ଯଦି ଅପରାଜିତାଙ୍କ ସୁପାରିସରେ ଦଳ ବିଧାନସଭା ପ୍ରାର୍ଥୀ ଦିଏ ତାହା ହେଲେ ସେମାନେ ନୋଟାରେ ଭୋଟ ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସରୁ ପୃଥ୍ୱୀବଲ୍ଲଭ ଚଳିତ ନିର୍ବାଚନରେ ବିଜୟ ଲାଭ ଆଶା ବାନ୍ଧିଥିବା ବେଳେ କଂଗ୍ରେସର ବହୁ କର୍ମୀ ଦଳ ଛାଡି ବିଜେଡିରେ ଅଛନ୍ତି। ଅନ୍ୟପଟେ ଦଳୀୟ ପ୍ରାର୍ଥୀ ଘୋଷଣା ବିଳମ୍ବିତ ହେଉଥିବାରୁ ଆଶାୟୀ ଓ ସମର୍ଥକଙ୍କ ଦ୍ୱନ୍ଦ୍ୱ ଦୂର ହୋଇପାରୁନି।



ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ଶୁକ୍ରବାର ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି।

### ଶ୍ରୀରାମ ବଜାରର ବାର୍ଷିକ ଉତ୍ସବ



ବାଣପୁର,୧୯।୪(ଦିଲୀପ ସ୍ୱାଇଁ)

ସ୍ଥାନୀୟ ବଡ଼ପଦର ରୋଡ଼ସ୍ଥିତ ଶ୍ରୀରାମ ବଜାରର ୨୪ତମ ବାର୍ଷିକ ଉତ୍ସବ ଓ ପୂଜା ଶ୍ରୀରାମ ନବମୀରୁ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ଶ୍ରୀରାମ, ମା' ସୀତା, ଲକ୍ଷ୍ମଣ ଓ ବୀର ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି ସୁସଜ୍ଜିତ ମଣ୍ଡପରେ ସ୍ଥାପନ କରାଯାଇ ପୂଜା ନୈବେଦ୍ୟ ଅର୍ପଣ ସହିତ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ ମହିଳା ପାଲା କଳାକାରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ପ୍ରତ୍ୟହ ପଂକ୍ତି ଭୋଗ, ୪ ଧୂପ ଓ ଭୋଗ ସହିତ ଶ୍ରୀରାମଚରିତ ମାନସ ପଠନ ଓ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବେ ବଡ଼ପଦର ଗ୍ରାମ ସଭାପତି ମକରଧ୍ୱଜ ପଲାଇ, ନାଚୁଣୀ କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ, ଗମ୍ଭାରୀମୁଣ୍ଡା ପର୍ଶୁରାମ କଲେଜର ଓଡ଼ିଆ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଉତ୍ସାହିତ କରିଥିଲେ। ଶ୍ରୀରାମ ବଜାରର ପ୍ରତିଷ୍ଠାତା ସଭାପତି ପ୍ରଦୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସଭ୍ୟ ରମେଶ କୁମାର ପଲାଇ, କାଳିଆ ଗୁରୁ, ଫକୁ ନାୟକ, ସିଲୁ ମହାରଣା, ଭାଗୀରଥି ବରାଳ, ଟୁନା ସେଣ, ରାକେଶ ପଟ୍ଟନାୟକ, ଦିଲୀପ କୁମାର ସାହୁ, ନାରାୟଣ ବରାଳ, ବିକାଶ ପଟ୍ଟନାୟକ, ନାଲୁ ସେଣଙ୍କ ସମେତ କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଶିଳ୍ପାଞ୍ଚଳ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଖୋର୍ଦ୍ଧା,୧୯।୪(ପ୍ରଭାତ ପାଣିଗ୍ରାହୀ)

ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ମତଦାନ ଲାଗି ଶୁକ୍ରବାର ଶିଳ୍ପାଞ୍ଚଳ ଥାନା ପୋଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ ପକ୍ଷରୁ ମିଳିତଭାବେ ସହରର ମୁକୁନ୍ଦପ୍ରସାଦ, ପୋଡ଼ାସାହି, ମୁକ୍ତାପୁର, ମଲିପୁର, ହଳଦିଆ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଆଇଆଇସି ଗାୟତ୍ରୀ ମିଶ୍ରଙ୍କ ନେତୃତ୍ୱରେ ଥାନା ନିକଟରୁ ବାହାରି ଉକ୍ତ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଆସନ୍ତା ମେ' ୨୫ରେ ଭୁବନେଶ୍ୱର ଲୋକ ସଭା ଓ ଖୋର୍ଦ୍ଧା ବିଧାନସଭା ପାଇଁ ମତଦାନ ହେବ। ଏହି ସମୟରେ ସାଧାରଣ ଜନତା ନିଜ ଯେପରି ନିଜର ମତଦାନ ବିନା କୌଣସି ବାଧାବିଘ୍ନରେ କରିବେ ସେନେଇ ପୋଲିସ ପକ୍ଷରୁ ନଜର ରଖାଯାଇଛି। ଆପରାଧିକ ଗତିବିଧି ଉପରେ ନଜର ରଖାଯାଇଛି। ରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି। କୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି କିମ୍ବା ଆଦର୍ଶ ଆଚରଣବିଧି ଉଲ୍ଲଂଘନ ହେଲେ ପୋଲିସର ସହଯୋଗ ନେବା ପାଇଁ ନିବେଦନ କରାଯାଇଛି।

### ଭାଜପାର ମିଶ୍ରଣ ପର୍ବ




ବେଗୁନିଆ,୧୯।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଗୁଡୁମସ୍ଥିତ ପତିତପାବନ ଉଚ୍ଚ ବିଦ୍ୟାଳୟ ଖେଳପଡିଆ ପରିସରରେ ଶୁକ୍ରବାର ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଜୋନର ଜିଲାପରିଷଦ ସଭ୍ୟ ଅନାଦି ସାହୁଙ୍କ ଆବାହକତ୍ୱରେ ଅଭିନେତ୍ରୀ ସୋନାଲି ମୋନାଲିସା, ବାଙ୍କୋଇ ଜୋନର ସୁମନ୍ତ ପ୍ରଧାନ, ଉତ୍ତର ବେଗୁନିଆ ମଣ୍ଡଳ ସଭାପତି ହରିହର ମହାରଣା, ମଧ୍ୟ ବେଗୁନିଆ ଜୋନର ଜିତେନ୍ଦ୍ର କୁମାର ସାହୁ, ପିଚୁକୁଳି ମଣ୍ଡଳର ପ୍ରତିମା ରାଣୀ ସାହୁ, ବାଙ୍କୋଇ ଜୋନର ଶୁଭସ୍ମିତା ମାନ୍ଧାତା, ସମରେଶ ପାଇକରାୟ ଓ ଅକ୍ଷୟ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଂଗ୍ରେସ ଓ ବିଜେଡିର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

### କଢ଼ାମଲ୍ଲରେ ଜମୁଛି ରାମଲୀଳା ନାଟକ

ବେଗୁନିଆ,୧୯।୪(ହର ପ୍ରସନ୍ନ ପଣ୍ଡା)



ପ୍ରତିବର୍ଷ ଭଳି ରାମନବମୀରୁ କଢ଼ାମଲ୍ଲ ଗ୍ରାମରେ ଆରମ୍ଭ ହୋଇଛି ପ୍ରସିଦ୍ଧ କାଷ୍ଠ ମୁଖାଧାରୀ ରାମଲୀଳା ନାଟକ। ୯ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ନାଟକ ଆସନ୍ତା ଗୁରୁବାର 'ରାମ ଅଭିଷେକ' ପରେ ଉଦ୍‌ଯାପିତ ହେବ। ରାମାୟଣ କଥାଚିତ୍ର ତାଡ଼କା ବଧ, ଶିବଧନୁ ଭଙ୍ଗ, ସୀତା ବିବାହ, ରାମ ବନବାସ, ସୀତା ଚୋରି, ବାଳି ବଧ ଆଦି ସଂଳାପ ଶେଷ ହୋଇଥିବା ବେଳେ ଆସନ୍ତା ମଙ୍ଗଳବାର ରାତିରେ ଲଙ୍କା ପୋଡି, ଇନ୍ଦ୍ରଜିତ ବଧ ଏବଂ ବୁଧବାର ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ, ଗୁରୁବାର ରାମ ଅଭିଷେକ ଆଦି ନାଟକରେ ରୂପାନ୍ତର ହେବ। ରାମ, ଲକ୍ଷ୍ମଣ, ସୀତା, ହନୁମାନ ବାଳୀ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ, ଇନ୍ଦ୍ରଜିତ, ତାଡ଼କା, ସୂର୍ପଣଖା, ମାୟାମୃଗ ଆଦି ବହୁ ବେଶରେ କାଷ୍ଠମୁଖା ପରିଧାନ କରି ନିଖୁଣ ଭାବରେ ଅଭିନୟ କରୁଛନ୍ତି। ଗ୍ରାମବାସୀଙ୍କ ସହଯୋଗରେ ରଘୁନାଥ ନାଟ୍ୟ ସଂସଦର ୪୫ଜଣ କଳାକାର ଅଭିନୟ କରୁଛନ୍ତି। ତେବେ ନାଟକରେ ଅଭିନୟ କରିବାକୁ ହେଲେ କଳାକାରଙ୍କୁ ନୀତି ନିୟମରେ ରହିବାକୁ ପଡ଼ିଥାଏ। ରଘୁନାଥ ମନ୍ଦିର ପରିସରରେ ସଂକଳ୍ପ, ନୂତନ ବସ୍ତ୍ର ପରିଧାନ ସହ ଦୈନିକ ନଅ ଦିନାତ୍ମକ ହବିଷ ପାଳନ କରନ୍ତି। ସେହିପରି ନାଟ୍ୟ ସ୍ଥଳରେ ହନୁମାନ, ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ପ୍ରତିମୂର୍ତ୍ତି ପରମ୍ପରା ଅନୁଯାୟୀ ପୂଜାପାଠ କରାଯାଏ। ଯଜ୍ଞାଚାର୍ଯ୍ୟ କୁଳମଣି ଦାଶ ଶର୍ମା ଦୈନିକ ସକାଳ ଓ ସନ୍ଧ୍ୟା ଆଳତି ସମାପନ କରୁଛନ୍ତି। ନିର୍ଦ୍ଦେଶକ ବଳରାମ ହୋତା, ପରିଚାଳକ ରମେଶ ଚନ୍ଦ୍ର ପଟ୍ଟନାୟକ, ବାନାମ୍ବର ନାୟକ, ରବିନ୍ଦ୍ର ନାୟକ, ବରେନ୍ଦ୍ର ପ୍ରଧାନ ଓ ପେଣ୍ଟିଂ ମାଷ୍ଟର ଭ୍ରମର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଅନଙ୍ଗ ନରେନ୍ଦ୍ର ଦେବଙ୍କ ଲିଖନ ପୋଥିରୁ ସଙ୍ଗୀତ ଆକାରରେ ଗୁରୁ ତାରେଶ୍ୱର ପଣ୍ଡା ପଠନ କରନ୍ତି। ପାଳିଆ ଓ କଳାକାରମାନେ ପଖଜ, ଗିନି ଓ ଝୁମୁକା ବଜାଇ ନୃତ୍ୟ ସଙ୍ଗୀତ ଚିତ୍ରକଳା ଅଭିନୟ କରୁଛନ୍ତି। ବାଣଯୁକ୍ତ ଧନୁ ଭେଦରେ ରାବଣର ୧୦ମୁଣ୍ଡ ଛେଦନ ନାଟକର ମୁଖ୍ୟ ଆକର୍ଷଣ ହୋଇଥାଏ।

### କମାଗୁରୁରେ ପାନୀୟଜଳ ଯୋଗାଣ ଆରମ୍ଭ

ଟାଙ୍ଗୀ,୧୯।୪(ରଘୁନାଥ ସାହୁ)

ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡୁଛି। ଏପରିକି କୂଅ ଓ ପୋଖରୀ ଶୁଖିବାକୁ ଲାଗିଲାଣି। ବିଶୁଦ୍ଧ ପାନୀୟ ଜଳ ପାଇଁ ଲୋକେ ଡହଳବିକଳ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ପଞ୍ଚାୟତରେ ଟ୍ୟାଙ୍କର ମାଧ୍ୟମରେ ପାନୀୟଜଳ ଯୋଗାଣର ଶୁଭାରମ୍ଭ ହୋଇଛି। ଏହାକୁ ସରପଞ୍ଚ ସୁନୀତା ଚମ୍ପତି ଶୁଭାରମ୍ଭ କରିଥିବା ବେଳେ ନାଏବ ସରପଞ୍ଚ ଆଶୁତୋଷ ମହାପାତ୍ର, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାମ୍ବଳ, ୱାର୍ଡ ମେମ୍ବର, ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

### ଭଏସ୍ ଅଫ୍ ମିଡିଆ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ଟାଙ୍ଗୀ,୧୯।୪(ରଘୁନାଥ ସାହୁ)

ଭଏସ୍ ଅଫ୍ ମିଡିଆ ଓଡ଼ିଶା ଖୋର୍ଦ୍ଧା ଜିଲା ପକ୍ଷରୁ ଟାଙ୍ଗୀ ପଞ୍ଚାୟତର ବଳଭଦ୍ର କମ୍ପ୍ଲେକ୍ସ କଲ୍ୟାଣମଣ୍ଡପରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର କର୍ମକର୍ତ୍ତାମାନଙ୍କୁ ନୂତନ ସଦସ୍ୟତା ଗ୍ରହଣ କରାଇବା ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର କର୍ମକର୍ତ୍ତା କିଭଳି ନିଜର ହକ୍ ପାଇପାରିବେ ଏବଂ ସଙ୍ଗଠିତ ହୋଇ ନିଜର ସୁରକ୍ଷା କରିବା ସହ ସମାଜରେ ଅବହେଳିତ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ପ୍ରୟାସ ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିପାରିବେ ସେନେଇ ଆଲୋଚନା କରାଯାଇଥିଲା। ଅତିଥିଭାବେ ସଙ୍ଗଠନ ରାଜ୍ୟ ସଭାପତି ପ୍ରଭାତ ମିଶ୍ର, ଜାତୀୟସ୍ତରୀୟ ସମ୍ପାଦକ ଇଫ୍‌ତାର ଅଲ୍ଲୀ, ରାଜ୍ୟ ସଂଯୋଜକ ପୂର୍ଣ୍ଣେନ୍ଦୁ ନାୟକ, ଖୋର୍ଦ୍ଧା ଜିଲା ସଭାପତି ସୁକାନ୍ତ ପରିଡ଼ା, ସାଧାରଣ ସମ୍ପାଦକ ଧନେଶ୍ୱର ବିଧାର, ଉପସଭାପତି ରବୀନ୍ଦ୍ର କୁମାର ରଣା, ଉପଦେଷ୍ଟା ଲୋହିତ୍ ନାରାୟଣ ମହାପାତ୍ର, ସହସମ୍ପାଦକ ଦିଲୀପ କୁମାର ପ୍ରଧାନ, ମୁଖ୍ୟ ସଂଯୋଜକ ରଘୁନାଥ ସେଠୀ, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିବା ବେଳେ ଜିଲା ଓ ବିଭିନ୍ନ ବ୍ଲକର ବହୁ ଖବରଦାତା ଯୋଗଦେଇଥିଲେ।

### ଆଧ୍ୟାତ୍ମିକ ଚେତନାର ପ୍ରଚାର, ପ୍ରସାର କରୁଛନ୍ତି ସଙ୍କୀର୍ତ୍ତନ କଳାକାର



ବୋଲଗଡ,୧୯।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଆରିକମା ଗ୍ରାମ ମା'କୋସଳାଶୁଣୀଙ୍କ ପୀଠରେ ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ବୋଲଗଡ଼ ବ୍ଲକ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ରାଜ୍ୟ ସଭାପତି ବାସୁଦେବ ଭଞ୍ଜ, ମୁଖ୍ୟ ସଂଯୋଜକ ପ୍ରସନ୍ନ ବିଶୋୟୀ, ସମ୍ପାଦକ ସୁଦର୍ଶନ ଚମ୍ପତି, କୋଷାଧ୍ୟକ୍ଷ ପ୍ରସନ୍ନ ବଡ଼ଜେନା, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସଂକୀର୍ତ୍ତନ କଳାକାରମାନେ ନିଜର ଅଭାବ ଭୁଲି ସଂସ୍କୃତିର ବାର୍ତ୍ତାବାହକ ହୋଇ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରୁଛନ୍ତି। ହେଲେ ବହୁ କଳାକାର ଏପର୍ଯ୍ୟନ୍ତ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି ବୋଲି ଭଞ୍ଜ କହିଥିଲେ। ରାଜ୍ୟ ସରକାର ୩୦ହଜାର କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପ୍ରଦାନ ପାଇଁ ଘୋଷଣା କରି ଆବେଦନ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ରାଜ୍ୟର ବହୁ ସଂକର୍ତ୍ତନ କଳାକାର ଥିବାରୁ ଏହି ସଂଖ୍ୟାକୁ ୧ ଲକ୍ଷ ପର୍ଯ୍ୟନ୍ତ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ ପାଇଁ ଦାବି ହୋଇଥିଲା। ଏହି ଅବସରରେ ଉପସ୍ଥିତ କଳାକାରମାନେ ବ୍ଲକରେ ପରିଷଦର ସଙ୍ଗଠନକୁ ମଜବୁତ କରିବାକୁ ବୋଲଗଡ଼ ବ୍ଲକର ସଭାପତି ଭାବେ ଧ୍ରୁବ ଚରଣ ମହାପାତ୍ର ଓ ସମ୍ପାଦକଙ୍କ ଭାବେ ନାରାୟଣ ସାହୁଙ୍କ ସମେତ ଅନ୍ୟାନ୍ୟ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି।

# 'ବୁଥରେ ସର୍ବନିମ୍ନ ସୁବିଧା ନିଶ୍ଚିତ କର'

**ମତଦାନ କେନ୍ଦ୍ର ବୁଲି ସ୍ଥିତି ପରଖିଲେ ଜିଲାପାଳ**

ଖୋର୍ଦ୍ଧା,୧୯।୪(ପ୍ରଭାତ ପାଣିଗ୍ରାହୀ)



ସାଧାରଣ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋର ଚାଲିଛି। ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପର୍ଯ୍ୟାୟକ୍ରମେ ପୋଲିଂ ଅଫିସରମାନଙ୍କ ବିଭିନ୍ନ ସ୍ତରରେ ତାଲିମ ଶିବିର ଜାରି ରହିଛି। ଶୁକ୍ରବାର ଜିଲାପାଳ ଚଞ୍ଚଳ ରାଣା ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ଜଟଣୀ, ଜୟଦେବ ଏବଂ ଭୁବନେଶ୍ୱର ଏକାମ୍ର, ମଧ୍ୟ ଓ ଉତ୍ତର ନିର୍ବାଚନମଣ୍ଡଳୀର ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ। ମତଦାନ କେନ୍ଦ୍ରରେ ସର୍ବନିମ୍ନ ସୁବିଧା ଯଥା ପାନୀୟଜଳ, ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର, ର୍ୟାମ୍ପ, ଅସ୍ଥାୟୀ ଶୌଚାଳୟ, ବିଦ୍ୟୁତ୍ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପରିଚାଳନାରେ କୌଣସି ଅସୁବିଧା ହେଲେ ରିଟର୍ନିଂ ଅଫିସର, ଉପରିସ୍ଥ ଅଧିକାରୀଙ୍କ ପରାମର୍ଶ ନେଇପାରିବେ। ନିର୍ବାଚନ ସମୟରେ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ନିଜ ଭିତରେ ଉତ୍ତମ ବୁଝାମଣା, ସମନ୍ୱୟ ରହିବା ଜରୁରୀ। ସେକ୍ଟର ଅଫିସରମାନେ ନିର୍ବାଚନ ବ୍ୟବସ୍ଥା ସମ୍ପର୍କରେ ତାଙ୍କ ଅଧୀନରେ ରହିଥିବା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିବେ। ଜିଲାପାଳଙ୍କ ଗସ୍ତ ସମୟରେ ନିର୍ବାଚନ ଦାୟିତ୍ୱରେ ଥିବା ରିଟର୍ନିଂ ଅଫିସର, ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲାପାଳ କହିଥିଲେ, ଭୁବନେଶ୍ୱର ଲୋକସଭା ଏବଂ ପୁରୀ ଲୋକସଭା ଆସନ ଅନ୍ତର୍ଗତ ଚିଲିକା ବିଧାନସଭା ପାଇଁ ୬ଷ୍ଠ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନ ପାଇଁ ଆସନ୍ତା ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ମେ' ୬ତାରିଖରେ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ୭ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୯ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ମେ' ୨୫ରେ ମତଦାନ ଏବଂ ଜୁନ ୪ରେ ଭୋଟ ଗଣତି କରାଯିବ। ଜିଲାରେ ୧୯୦୭ ବୁଥ ଥିବା ବେଳେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଏକାମ୍ର, ଉତ୍ତର, ଜଟଣୀ ନିର୍ବାଚନ ମଣ୍ଡଳୀ ପାଇଁ ୧୧୬୬ ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୬୫୮ ଓ ଗ୍ରାମାଞ୍ଚଳରେ ୫୦୮ ବୁଥ ରହଛି। ଇଭିଏମ ଓ ଭିଭିପାଟ କଡା ସୁରକ୍ଷା ବଳୟ ଭିତରେ ରଖାଯାଇଛି। ୫ଟି ଫ୍ଲେରରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ୨ଟି ଲେଖାଏ ଷ୍ଟ୍ରଙ୍ଗରୁମ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ଷ୍ଟ୍ରଙ୍ଗରୁମ ନିକଟରେ ୨୪ ଘଣ୍ଟିଆ ଉପସ୍ଥିତ ରହିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଚଳିତ ନିର୍ବାଚନରେ ଖୋର୍ଦ୍ଧା ଜିଲାରେ ୧୮ଲକ୍ଷ୬୫ ହଜାର୪୫୫ ଭୋଟର ରହିଛନ୍ତି। ସେଥିରୁ ପୁରୁଷ ୯୭୧୫୫୪ ଏବଂ ମହିଳା ୮୯୩୩୪୧ ରହିଛନ୍ତି। ତୃତୀୟ ଲିଙ୍ଗ ୫୬୦ ରହିଥିବା ବେଳେ ଯୁବ ଭୋଟରଙ୍କ ସଂଖ୍ୟା ୩୫୩୦୮ ରହିଛି। ଗତ ୨୦୧୯ ନିର୍ବାଚନରେ ୧୮ଲକ୍ଷ ୭୦୦୪୨ ଭୋଟର ରହିଥିବା ବେଳେ ମତଦାନ ୬୧.୭୯% ରହିଥିଲା। ଚଳିତ ବର୍ଷ ମତଦାନ ହାର ବୃଦ୍ଧି ପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ଜିଲାପାଳ କହିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୯।୪।୨୦୨୪

| | |
|---|---|
| ୩,୧୫,୩୪୮ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ |
| ରୁପା | ୬୨.୩୦୦ ଗ୍ରାମ |

## ସଂକ୍ଷେପରେ

### ମା' ବାଇଦେଈଙ୍କ କଳସଯାତ୍ରା

ଚାରିଛକ, ୧୯।୪(ଶିଶିର ସ୍ୱାଇଁ): ଚାରିଛକ ଥାନା ଅନ୍ତର୍ଗତ ଅମରପ୍ରସାଦସ୍ଥିତ ମା' ବାଇଦେଈଙ୍କ ଷଷ୍ଠ ବାର୍ଷିକ ମହାଯଜ୍ଞ ପାଇଁ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କଳସ ଯାତ୍ରା ପୂର୍ବରୁ ପ୍ରଥମେ ମା' ବାଇଦେଈ ଠାକୁରାଣୀଙ୍କୁ ସ୍ନାନ କରି କଳସ ପାଣି ଆଣିବା ପାଇଁ ଅମରେଶ୍ୱର ନିକଟସ୍ଥ ପବିତ୍ର ଗୋତୀର୍ଥକୁ ଯାଇଥିଲେ। ସେଠାରେ ନୀତି ନିୟମ ଅନୁଯାୟୀ ପୂଜା କରି କଳସ ଆଣିଥିଲେ। ଏହି କଳସ ଯାତ୍ରାରେ ଭାଗ ନେଇ କଳସ ଉଠାଇ କୁଞ୍ଜରେ ନିଷ୍ଠାପର ସହକାରେ ସ୍ଥାପନ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି ବୋଲି କଳସ ଯାତ୍ରାରେ ଭାଗ ନେଇଥିବା ମାନସିକ ଧାରୀମାନେ କହିଥିଲେ। ମା' ବାଇଦେଈଙ୍କ କଳସ ଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ପୁରୁଷ ଯୋଗଦେଇ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି କଳସ ଯାତ୍ରାରେ ମା' ବାଇଦେଈ କମିଟିର ସଦସ୍ୟ, ସାଇବାବା ଟ୍ରଷ୍ଟ ସହିତ ଆସିଥିବା ଶ୍ରଦ୍ଧାଳୁମାନେ ଯୋଗଦେଇ ସହଯୋଗ କରିଥିଲେ।

### ଭାଜପାରେ ମିଶିଲେ ୫୦୦ରୁ ଅଧିକ ଯୁବକ

ପୁରୀ, ୧୯।୪(ଅଜିତ୍ ମହାନ୍ତି) ପୁରୀ ଲୋକ ସଭା ନିର୍ବାଚନ କାର୍ଯ୍ୟାଳୟରେ ସତ୍ୟବାଦୀ ବିଧାନସଭା କ୍ଷେତ୍ରର ୫୦୦ରୁ ଅଧିକ ଯୁବକର୍ମୀ ଭାଜପାରେ ଯୋଗଦେଇଛନ୍ତି। ନୂତନ କାର୍ଯ୍ୟକର୍ତ୍ତାଙ୍କୁ ପୁରୀ ଭାଜପା ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ସ୍ୱାଗତ ଜଣାଇଥିଲେ। ଯୁବକଙ୍କ ଉତ୍ସାହ ଓ ଉଦ୍ଦୀପନାରୁ ଏଥର ପୁରୀ ଲୋକ ସଭା ଆସନରେ ପଦ୍ମ ଫୁଟିବ ବୋଲି ପାତ୍ର କହିଛନ୍ତି। ସତ୍ୟବାଦୀ ବିଧାନସଭା କ୍ଷେତ୍ର ଅଞ୍ଚଳରେ ଘରକୁ ଘର ବୁଲି ପାତ୍ର ନିର୍ବାଚନ ପ୍ରଚାର ସହ ଜନସମ୍ପର୍କ କାର୍ଯ୍ୟକ୍ରମ କରିଥିଲେ। ସେ ଲୋକଙ୍କୁ ଭୋଟ ଭିକ୍ଷା କରିବା ସହ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବା ନିମନ୍ତେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାନସଭା ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ।

# ସନ୍ଧ୍ୟାରେ ଲାଇଟ୍ ଜଳୁନି: ରାଜପଥ ଅନ୍ଧାର

### ଆଲୋକୀକରଣ କାର୍ଯ୍ୟ ନିମ୍ନମାନର, ତଦନ୍ତ ଦାବି



କୋଣାର୍କ, ୧୯।୪(ଜ୍ୟୋତିରାଜ ମହାନ୍ତି): ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜିଇଡି ବିଭାଗକୁ ଚନ୍ଦ୍ରଭାଗା ଉଡେନ ରେଷ୍ଟୁରାଣ୍ଟଠାରୁ କୋଣାର୍କ କୈବର୍ତ୍ତସାହି ପର୍ଯ୍ୟନ୍ତ ଜାତୀୟ ରାଜପଥର ଆଲୋକୀକରଣ କାର୍ଯ୍ୟ ପାଇଁ ୬କୋଟି ଟଙ୍କା ପ୍ରଦାନ କରାଯାଇଛି। ଜିଇଡି ମାଧ୍ୟମରେ ଠିକାଦାର ଚୟନ କରାଯାଇ ଏହି କାର୍ଯ୍ୟ ଚାଲିଛି। ତେବେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସମ୍ପୃକ୍ତ ଠିକାଦାର ନିମ୍ନମାନର ସାମଗ୍ରୀ ଯଥା- ଅଣ୍ଡରଗ୍ରାଉଣ୍ଡ କେବୁଲ, ଷ୍ଟ୍ରିଟଲାଇଟ ଓ ଏଲ୍‌ଇଡି ଲାଇଟ ବ୍ୟବହାର କରିଥିବା ସାଧାରଣରେ ଅଭିଯୋଗ ହେଉଛି। ସନ୍ଧ୍ୟାରେ ଅଧିକାଂଶ ଲାଇଟ ଜଳୁନାହିଁ। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଓ ପର୍ଯ୍ୟଟକମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କାର୍ଯ୍ୟ ଚାଲୁଥିବା ବେଳେ ଜିଇଡିର କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ ଉଚ୍ଚ ଅଧିକାରୀ ତଦାରଖ କରୁନାହାନ୍ତି। ଷ୍ଟ୍ରିଟ ଲାଇଟ ଖୁଣ୍ଟ ମୂଳରେ ଠିକ ଭାବେ ଢଳେଇ ଦିଆଯାଇ ନ ଥିବାରୁ ଯେକୌଣସି ମୁହୂର୍ତ୍ତରେ ଉପୁଡ଼ିପଡ଼ି ଧନଜୀବନ ହାନିର ଆଶଙ୍କା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟର ମାନ ପରୀକ୍ଷା କରିବା ପାଇଁ ମୁଖ୍ୟ ଶାସନ, ବିଭାଗୀୟ ଉଚ୍ଚ ଅଧିକାରୀ ଏବଂ ଜିଲାପାଳଙ୍କୁ କୋଣାର୍କ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନା କହିଛନ୍ତି, କାର୍ଯ୍ୟସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



ଚାରିଛକ ଥାନା ଅନ୍ତର୍ଗତ ଅମରପ୍ରସାଦସ୍ଥିତ ମା' ବାଇଦେଈଙ୍କ ଷଷ୍ଠ ବାର୍ଷିକ ମହାଯଜ୍ଞ ପାଇଁ ଶୁକ୍ରବାର ଆୟୋଜିତ କଳସ ଯାତ୍ରା ।

## ଶାଶୁ, ସ୍ତ୍ରୀଙ୍କୁ ଏସିଡ୍ ମାଡ଼ କରି ଟଙ୍କା, ଗହଣା ନେଇ ସ୍ୱାମୀ ଫେରାର

ବଲଙ୍ଗା, ୧୯।୪(କେଦାରେଶ୍ୱର ନନ୍ଦ) ଘରେ କେହି ନ ଥିବା ବେଳେ ଶାଶୁ ଓ ସ୍ତ୍ରୀଙ୍କୁ ଏସିଡ୍ ମାଡ଼ କରି ଘରେ ଥିବା ଟଙ୍କା ଓ ସୁନା ଅଳଙ୍କାର ନେଇ ସ୍ୱାମୀ ଫେରାର ହୋଇଯାଇଥିବା ବଲଙ୍ଗା ଥାନାରେ ଅଭିଯୋଗ ହୋଇଛି। ବଲଙ୍ଗା ଥାନା ଅଧୀନ କେତକୀପାଟଣା ପଞ୍ଚାୟତର ବଡ଼ତୋଟା ଗାଁ ହୃଷୀକେଶ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ମଝିଆଁ ଝିଅ କୁନି ସାଠୁଆ ୨୦ ବର୍ଷ ତଳେ ଭଲପାଇ ନୟାଗଡ଼ ଇଟାମାଟି ଥାନା ଅନ୍ତର୍ଗତ ଚମ୍ପେଇପୁର ଗ୍ରାମର ନବ ସାଠୁଆଙ୍କ ପୁଅ ବିନା ସାଠୁଆଙ୍କୁ ବିବାହ କରିଥିଲେ। ବିବାହ ପରେ ସେଠାରେ ଚଳିବା ଅସୁବିଧା ହେବାରୁ ବାପଘରକୁ ଚାଲିଆସି କେତକୀପାଟଣା ବଜାରରେ ଏକ ପାର୍ଲର କରି ବାପଘର ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ହୃଷୀକେଶଙ୍କ ଘରେ କେହି ପୁରୁଷ ଲୋକ ନ ଥିବାବେଳେ ବିନା ଆସି ତାଙ୍କ ଝିଅଙ୍କୁ ଦୁଇ ଲକ୍ଷ ଟଙ୍କା ମାଗିଥିଲେ। ଝିଅ ଏତେ ଟଙ୍କା କୋଉଠୁ ଆଣିବି ବୋଲି କହିବାରୁ ବିନା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କୁନି ପ୍ରତିବାଦ କରିବାରୁ ତାଙ୍କୁ ନିସ୍ଥୁକ ମାଡ଼ ମାରି ଏସିଡ୍ ଢାଳିଦେଇଥିଲେ। କୁନି ଚିତ୍କାର କରିବାରୁ ବୋଉ ବାସନ୍ତୀ ଦୌଡ଼ିଯାଇ ପଡୋଶୀ ଲୋକଙ୍କୁ ଡାକ ପକାଇବାରୁ ବିନା ଶାଶୁଙ୍କୁ ଉପରକୁ ମଧ୍ୟ ଏସିଡ ପକାଇ ତାଙ୍କ ବେକ ଚିପି ଧରି ଆଲମାରି ଚାବି ମାଗିଥିଲେ। ବାସନ୍ତୀ ଭୟଭୀତ ହୋଇ ଚାବି ଦେଇଦେବାରୁ ବିନା ଆଲମାରି ଖୋଲି ୨ଲକ୍ଷ ୮ଶହ ଟଙ୍କା ଓ ୧୫ ଭରି ସୁନା ଅଳଙ୍କାର ସହିତ ଏକ ମୋବାଇଲ ଫୋନ ନେଇ ଫେରାର ହୋଇଯାଇଥିବା ହୃଷୀକେଶ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ବଲଙ୍ଗା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି।



ପୁରୀ ସାହିଯାତର ଦ୍ୱିତୀୟ ଦିବସରେ ମାଟିମଣ୍ଡପ ସାହି ପକ୍ଷରୁ ବାହାରିଥିବା ନୃସିଂହ ମେଢ଼ ।

## ଆଜି ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ

ପୁରୀ, ୧୯।୪(ଅଜିତ୍ ମହାନ୍ତି): ଆସନ୍ତା ଜୁଲାଇ ୭ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଓ ଜୁନ ୨୨ରେ ସ୍ନାନଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷ ଯେପରି ଘୋଷଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିପାଇଁ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଘୋଷଯାତ୍ରା ନିମନ୍ତେ ପୂର୍ବରୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଦୁଇଟି ପ୍ରସ୍ତୁତି ବୈଠକ ଶେଷ ହୋଇଥିବା ବେଳେ ଶନିବାର ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେବ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିବେ। ଶନିବାର ପୂର୍ବାହ୍ନ ୧୧ଟାରେ ପୁରୀ ପୌରସଦନ ପରିସରରେ ବୈଠକ ବସିବ। ବୈଠକରେ ରଥଯାତ୍ରା ଆୟୋଜନ ଓ ସୁପରିଚାଳନା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ଯୋଗାଣ, ସ୍ୱତନ୍ତ୍ର ଟ୍ରେନ ଚଳାଚଳ, ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ବଡ଼ଦାଣ୍ଡରେ ବ୍ୟବସ୍ଥା, ଆବଶ୍ୟକ ରଥକାଠ ସଂଗ୍ରହ, ରଥ ନିର୍ମାଣ, ସ୍ନାନ ପୂର୍ଣ୍ଣିମା, ଅଣସର ସମୟରେ ଆବଶ୍ୟକ ସାମଗ୍ରୀ ଯୋଗାଣ, ଆବଶ୍ୟକ ଚନ୍ଦନ ସହ ବିଭିନ୍ନ ବନଖଣ୍ଡରେ ଥିବା ଫାସି ଏବଂ ଅସନ ଆଦି କାଠର ତାଲିକା ପ୍ରସ୍ତୁତ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଏଥିସହ ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟଜଳ ଯୋଗାଣ, ଶାନ୍ତିଶୃଙ୍ଖଳା ରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା, ପୋଲିସ ମୁତୟନ, ସିସିଟିଭି କ୍ୟାମେରା ଲଗାଇବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଆଦି ଉପରେ ଆଲୋଚନା ହୋଇପାରେ। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଜିଲାପାଳ, ଏସ୍‌ପି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧି ଯୋଗଦେବେ।

## ନଭେମ୍ବରରେ ପୁରୀରେ ହେବ ମିଡିଆ ଫେଷ୍ଟିଭାଲ

ପୁରୀ, ୧୯।୪(ଅଜିତ ମହାନ୍ତି): ଆସନ୍ତା ନଭେମ୍ବରରେ ପୁରୀଠାରେ ଜିଲା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ମିଡିଆ ଫେଷ୍ଟିଭାଲ ଆୟୋଜନ ହେବ। ଶୁକ୍ରବାର ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦ ସଭାଗୃହରେ ଅନୁଷ୍ଠିତ ପୁରୀ ଜିଲା ସାମ୍ବାଦିକ ସଂଘର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ବରିଷ୍ଠ ଖବରଦାତା ବିଜୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଖବରଦାତାଙ୍କ ନିମନ୍ତେ ସୁରକ୍ଷା ଓ ପେନ୍‌ସନ ଯୋଜନା ଲାଗୁ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବାକୁ ଆଲୋଚନା ହୋଇଥିଲା। ଏଥିସହ ପର୍ଯ୍ୟଟନ କେନ୍ଦ୍ର ପୁରୀକୁ ଦେଶବିଦେଶରୁ ଆସୁଥିବା ଖବରଦାତାଙ୍କ ମଧ୍ୟରେ ଭାବବିନିମୟ ସହ ଏହି ବୃତ୍ତିର ବିଭିନ୍ନ ଦିଗ ସମ୍ପର୍କିତ ଆଲୋଚନା ପାଇଁ ଦୁଇଦିନିଆ ମିଡିଆ ଫେଷ୍ଟିଭାଲ ଆୟୋଜନ ନିମନ୍ତେ ସ୍ଥିର ହୋଇଥିଲା। ଏହି ଅବସରରେ ଚଳିତବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ଅକ୍ଷୟ ନାୟକ, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ମହାନ୍ତି, ଉପସଭାପତି ଅଶୋକ କୁମାର ବେହେରା, ସାଧାରଣ ସମ୍ପାଦକ ସତ୍ୟନାରାୟଣ ଦାଶ, କାର୍ଯ୍ୟାଳୟ ସମ୍ପାଦକ କୃତ୍ତିବାସ କାମିଲା, ସହସମ୍ପାଦକ ମାନସ ଦାସ ଓ କୋଷାଧ୍ୟକ୍ଷ ଭାବେ ସୁଦର୍ଶନ ଦାସମହାପାତ୍ରଙ୍କ ସମେତ ୧୧ ଜଣ ଖବରଦାତାଙ୍କୁ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ବୈଠକରେ ଜିଲାର ବିଭିନ୍ନ ବ୍ଲକରୁ ଖବରଦାତାମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶେଷରେ ନୃସିଂହ ଚରଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀ ଜିଲା ସାମ୍ବାଦିକ ସଂଘର ବୈଠକରେ ଉପସ୍ଥିତ ଅତିଥିବୃନ୍ଦ ।

## ଶ୍ରୀରାମ ଚରିତ ମାନସ ପାରାୟଣ




ପିପିଲି, ୧୯।୪(ପ୍ରଭାତ କୁମାର ମହାପାତ୍ର): ପିପିଲିଠାରେ ଏକବିଂଶତମ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଚାଲିଛି। ଏଥିରେ ବକ୍ତା ଡ. ପ୍ରଫୁଲ୍ଲ କୁମାର ମିଶ୍ର, ପଣ୍ଡିତ ରବୀନ୍ଦ୍ର ଦାଶ, ପଣ୍ଡିତ ରବିନାରାୟଣ ହୋତା, ପଣ୍ଡିତ ପ୍ରିୟପ୍ରସାଦ ମିଶ୍ର, ସନ୍ଥ ପ୍ରେମଦାସଜୀ ମହାରାଜ ଇତ୍ୟାଦି ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପ୍ରବଚକ ପଣ୍ଡିତ ପ୍ରିୟ ପ୍ରସାଦ ମିଶ୍ର ସାରଗର୍ଭକ ଶ୍ରୀରାମ ଚରିତ କଥାମୃତ ଶୁଣାଇଥିଲେ। ପ୍ରଭୁ ଶ୍ରୀରାମଙ୍କ ଜନ୍ମ ସଜ୍ଜନ ତଥା ଭକ୍ତ ରକ୍ଷଣ ପାଇଁ ହୋଇଥାଏ। ପୃଥିବୀରେ ସୁଖ ଶାନ୍ତି ଓ ଜୀବଜଗତର ମଙ୍ଗଳ ପାଇଁ ପ୍ରଭୁ ଏ ଧରା ଧାମରେ ଅବତରଣ କରିଥାନ୍ତି। ଭାରତ ହେଉଛି ଆଧ୍ୟାତ୍ମିକ ରାଷ୍ଟ୍ର। ଭଗବାନ ଏହି ଭୂମିରେ ଅବତରି ସମଗ୍ର ବିଶ୍ୱ ମାନବର ମଙ୍ଗଳ ଓ ପରିପୋଷଣ ପାଇଁ ହିଁ ଲୀଳାଖେଳା କରିଥାନ୍ତି ବୋଲି ପ୍ରବଚକ ପଣ୍ଡିତ ପ୍ରିୟ ପ୍ରସାଦ ମିଶ୍ର କହିଥିଲେ। ଶ୍ରୀରାମ ଚରିତ ମାନସ ପାରାୟଣ ଘୃତ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ବ୍ୟାସ ପଣ୍ଡିତ ଉମାଶଙ୍କର ଦାଶ, ପଣ୍ଡିତ ଯୋଗେନ୍ଦ୍ର ଚଇନିଙ୍କ ପୌରୋହିତ୍ୟରେ ବ୍ରାହ୍ମଣ ମଣ୍ଡଳୀ ଯଜ୍ଞାନୁଷ୍ଠାନ ଓ ପୂଜାର୍ଚ୍ଚନା କରିଥିଲେ। କମିଟି ସଭାପତି ବାମଦେବ ମିଶ୍ର, ସମ୍ପାଦକ ପ୍ରଭାତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଗୋଲଖ ବେହେରା, ବେଣୁଧର ଭଞ୍ଜ, ସୁରେନ୍ଦ୍ର ସାହୁ, ପ୍ରମୋଦ ସାହୁ, ସୁମନ୍ତ ଦାଶ, ଧୀର ବେହେରା, ଦୀପକ ଦାଶ ପରିଚାଳନା କରୁଛନ୍ତି। ଆସନ୍ତା ୨୩ ତାରିଖରେ ପୂର୍ଣ୍ଣାହୁତି ସହିତ ସାମୂହିକ ପ୍ରସାଦ ବ୍ୟବସ୍ଥା ହେବ ବୋଲି କମିଟି ସଭାପତି କହିଛନ୍ତି।

## ମୁଖ୍ୟମନ୍ତ୍ରୀ ପୁନର୍ବିଚାର କରିବେ ବୋଲି ବିଶ୍ୱାସ: ସମୀର

### ଆଜି ବାରବାଟୀ ପଡ଼ିଆରେ ଶକ୍ତି ପ୍ରଦର୍ଶନ

ଗୋପ, ୧୯।୪(ଭାରତୀ ଭୂଷଣ ଉପାଧ୍ୟାୟ): ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ବିଜେଡି ପକ୍ଷରୁ ଟିକେଟ ନ ମିଳିବା ନେଇ ଏବେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୋପ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ବିଧାୟକ ଦାଶ ଯୋଗଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ମୋର ଦୃଢ଼ ବିଶ୍ୱାସ ରହିଛି, ସେ ନିଶ୍ଚିତ ଦଳର ସ୍ୱାର୍ଥ ଓ ସାଧାରଣ ଲୋକଙ୍କ ଦାବି ପ୍ରତି ପୁନର୍ବିଚାର କରିବେ। ପ୍ରକାଶ ଯେ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧୀନ ୧୪ଟି ପଞ୍ଚାୟତର ନେତୃତ୍ୱ ଯୋଗଦେଇ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ବିଶେଷକରି କେତେଜଣ କୁଚକ୍ରୀଙ୍କ ପ୍ରରୋଚନାରେ ବିଧାୟକ ଦାଶଙ୍କୁ ଟିକେଟ ଦିଆଗଲା ନାହିଁ ବୋଲି ଉପସ୍ଥିତ କର୍ମୀ ତଥା ସମର୍ଥକମାନେ କହିଥିଲେ। ପୂର୍ବ ନିଷ୍ପତ୍ତି ଅନୁସାରେ ଶନିବାର ନିମାପଡ଼ା ବାରବାଟୀ ପଡ଼ିଆରେ ୩୦ ହଜାରରୁ ଅଧିକ ଦଳୀୟ କର୍ମୀଙ୍କୁ ନେଇ ଶକ୍ତି ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଦାଶଙ୍କୁ ସମର୍ଥନ ଜଣାଇ ଅନ୍ୟାନ୍ୟ ଦଳ ସହିତ ଆଉ କେତେଜଣ ସମାଜସେବୀ ଯୋଗଦେବେ। ଦାଶ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ଭାଜପା ପ୍ରାର୍ଥୀଙ୍କୁ ପରାଜିତ କରି ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ଓ ଭାଜପାରେ ରହି କେବଳ କ୍ଷମତା ଲାଗି ମାତ୍ର ୯ ଦିନ ପୂର୍ବରୁ ବିଜେଡିରେ ଯୋଗଦାନ କରିଥିବା ବ୍ୟକ୍ତିଙ୍କୁ କାହିଁକି ଦଳ ଟିକେଟ ଦେଲା ବୋଲି ବୈଠକରେ ଉପସ୍ଥିତ କର୍ମୀମାନେ ପ୍ରଶ୍ନ କରିବା ସହ ତଦନ୍ତର ଆବଶ୍ୟକତା ରହିଛି ବୋଲି କହିଥିଲେ। ଶକ୍ତି ପ୍ରଦର୍ଶନ କାହିଁକି କରାଯିବ ବୋଲି ବିଧାୟକ ଦାଶଙ୍କୁ ପଚାରିବାରେ କହିଛନ୍ତି, ମୋ' ନେତା ନବୀନ ପଟ୍ଟନାୟକଙ୍କ ଅଗୋଚରରେ ଏପରି ଘଟଣା ଘଟିଛି। ଏହାକୁ ପୁନର୍ବିଚାର କରିବା ଲାଗି ମୋର ଦାବିପୂର୍ବକ ଶକ୍ତି ପ୍ରଦର୍ଶନ କରାଯିବ ବୋଲି କହିବା ସହ ଯଦି ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦଳ ଦୃଷ୍ଟି ଦିଏ ନାହିଁ ତା'ହେଲେ ଦଳୀୟ କର୍ମୀ ଓ ନେତୃତ୍ୱମାନଙ୍କ ପରାମର୍ଶରେ ପରବର୍ତ୍ତୀ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି।



ବୈଠକରେ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ।

## 'ଶିକ୍ଷା, ଅନୁଶାସନ ଦ୍ୱାରା ଜୀବନ ଶୃଙ୍ଖଳିତ ହୋଇଥାଏ'

ପୁରୀ, ୧୯।୪(ଅଜିତ୍ ମହାନ୍ତି) ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ଜ୍ଞାନ ମନ୍ଦିର-୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ପୌରସଦନ ପରିସରରେ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଅଭିମନ୍ୟୁ ଭୂୟାଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବରିଷ୍ଠ ନାଗରିକ ମହାସଂଘର ମାର୍ଗଦର୍ଶକ କୃପାସିନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ପୁରୀ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶାର ପୂର୍ବ ସମ୍ଭାଗ ସମ୍ପାଦକ ଡ. ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଅରବିନ୍ଦ ଶତପଥୀ ପ୍ରାରମ୍ଭିକ ସୂଚନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ଡ. ପଣ୍ଡା କହିଥିଲେ, ଦୀର୍ଘ ୩୦ ବର୍ଷ ଧରି ଆଦର୍ଶ ଶିକ୍ଷା ପଦ୍ଧତିକୁ ପାଥେୟ କରି ନୈତିକ ଶିକ୍ଷା, ଅଧ୍ୟାତ୍ମିକ ଶିକ୍ଷା ଏବଂ ଅନୁଶାସନ ଦ୍ୱାରା ଶିଶୁ ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରିବାରେ ଶିଶୁ ବିଦ୍ୟା ମନ୍ଦିର ଓ ସରସ୍ୱତୀ ଜ୍ଞାନ ମନ୍ଦିରର ଅବଦାନ ପ୍ରଶଂସନୀୟ। ମୁଖ୍ୟଅତିଥି ସାହୁ ସମାଜରେ ମାନବୀୟ ମୂଲ୍ୟବୋଧ ବିକାଶରେ ଅନୁଷ୍ଠାନର ସକାରାତ୍ମକ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ବାର୍ଷିକ 'ମୁଖପତ୍ର' ଧ୍ରୁବଲୋକ ଉନ୍ମୋଚନ ସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ +୨ ଦ୍ୱିତୀୟ ବର୍ଷ ପରୀକ୍ଷାର ଶ୍ରେଷ୍ଠ ପ୍ରତିଭାଗୀ ଏବଂ ରାଜ୍ୟ ତଥା ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ, ବାର୍ଷିକ ପ୍ରତିଯୋଗୀତା ଓ ବାର୍ଷିକ କ୍ରୀଡ଼ାର ଶ୍ରେଷ୍ଠ ପ୍ରତିଭାଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅନୁଷ୍ଠାନ ତରଫରୁ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ଆଚାର୍ଯ୍ୟ ଧନେଶ୍ୱର ସୁନ୍ଦରାୟ, +୨ ବିଜ୍ଞାନ ଛାତ୍ର ରୁଦ୍ରପ୍ରସାଦ ଦାଶ ଓ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶିନୀ ବଳଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଡ. ସୀମାଚଳ ପଣ୍ଡା, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ସଦସ୍ୟା ସୁଶ୍ରୀ ସନ୍ତୋଷିନୀ ନାଏକ ଓ ମିତାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ବିକାଶ ଦତ୍ତ ଧନ୍ୟବାଦ ଦେଇଥିଲେ।



ମଞ୍ଚାସୀନ ଅତିଥିଙ୍କ ଗହଣରେ ବିଦ୍ୟାର୍ଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି ।

**ସଂକ୍ଷେପରେ**

## ସୁର୍‌ଜିତ୍ କୁମାରଙ୍କୁ ସର୍ତ୍ତମୂଳକ ଜାମିନ

### ଜମି ଠକେଇ ମାମଲା

କଟକ,୧୯।୪ (କାର୍ତ୍ତିକ ସାହୁ)

ଜମି ଠକେଇ ମାମଲାରେ ହାଇକୋର୍ଟ ଏକ ଅନ୍ ଲାଇନ୍ ନ୍ୟୁଜ୍ ପୋର୍ଟାଲ୍‌ର ମୁଖ୍ୟ ସମ୍ପାଦକ ସୁର୍‌ଜିତ୍ କୁମାର ଧଳଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୧ ଲକ୍ଷ ଟଙ୍କାର ବେଲ୍‌ବଣ୍ଡ୍ ସହ ୧୦ ଲକ୍ଷ ଟଙ୍କାର ନଗଦ ଅର୍ଥ ଜାତୀୟକରଣ ବ୍ୟାଙ୍କରେ ପଇଠ କରିବା ସହିତ ୨ ଜଣ ଜାମିନଦାରଙ୍କ ବଦଳରେ ସେ ନିମ୍ନ ଅଦାଲତରୁ ଜାମିନ ପାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ତାଙ୍କ ଜାମିନ ଆବେଦନର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ସୁର୍‌ଜିତ୍ କୁମାର ଧଳଙ୍କ ବିରୋଧରେ ୧ କୋଟି ଟଙ୍କାର ଜମି ଠକେଇ ଅଭିଯୋଗ ହୋଇଛି। ଏହି ମାମଲାରେ ଗତ ଜାନୁଆରୀ ୧୨ ତାରିଖରେ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ଏହା ପରେ ସେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ତାଙ୍କ ବିରୋଧରେ ୧ କୋଟି ଟଙ୍କାର ଜମି ଠକେଇ ଅଭିଯୋଗ ରହିଛି। ଜମି ଦେବାର ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତିଙ୍କ ନିକଟରୁ ସେ ନଗଦ ୯୦ ଲକ୍ଷ ଟଙ୍କା ଓ ଅନ୍ ଲାଇନ୍‌ରେ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ତାଙ୍କୁ ଗିରଫ କରିଥିଲା। ପରେ ସେ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଜାମିନ ଆବେଦନ କରିଥିଲେ। ସେଠାରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଘଟଣା, ୨ ଗିରଫ

ଖୁଣ୍ଟୁଣୀ,୧୯।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାଲକ୍ଷ୍ମୀପୁର ସଂରକ୍ଷିତ ଜଙ୍ଗଲରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରିବା ଘଟଣାରେ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଞ୍ଚଳର ଚଗୁ ଓରଫ ଚୈତନ୍ୟ ବିରୁଆ (୨୯) ଓ ଖୁଣ୍ଟୁଣୀ ଥାନା ଅଧୀନ ଗାଣ୍ଡିଆଝର ଗ୍ରାମର ପ୍ରଧାନ ସଏ (୨୬)। ଅଭିଯୋଗ ଅନୁଯାୟୀ, ଗତ ୧୩ ତାରିଖ ପୂର୍ବାହ୍ନରେ ଖୁଣ୍ଟୁଣୀ ଥାନା ଅଞ୍ଚଳର ସମ୍ପୃକ୍ତ ମହିଳା ଘରେ ଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ସେଠାରେ ପହଞ୍ଚିଥିଲେ। ସେମାନେ ମହିଳାଙ୍କୁ ଖୁଣ୍ଟୁଣୀ ଯିବାକୁ କହି ଏକ ବାଇକ୍‌ରେ ବସାଇ ଆଣିଥିଲେ। ଖୁଣ୍ଟୁଣୀରେ ପହଞ୍ଚିବା ପରେ ସେମାନେ ତାଙ୍କଠାରୁ ଟଙ୍କା ନେଇ ଏକ ଦୋକାନରୁ ମଦ କିଣିଆଣି ପିଇଥିଲେ। ସେଠାରୁ ମହିଳାଙ୍କୁ ବାଇକ୍‌ରେ ନେଇ ମହାଲକ୍ଷ୍ମୀପୁର ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ସେଠାରେ ସେମାନେ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ମହିଳା ଜଣଙ୍କ ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୨/୨୪) ରୁଜୁ କରିଥିଲା।

## ବାସନ୍ତୀ ଦୁର୍ଗାଙ୍କ ଭସାଣି ଉତ୍ସବ

ଖୁଣ୍ଟୁଣୀ, ୧୯।୪(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ଗୁରୁଡିଝାଟିଆ ଅଞ୍ଚଳରେ ବାସନ୍ତୀ ଦୁର୍ଗାଙ୍କ ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ମା'ଙ୍କ ସମସ୍ତ ନୀତିକାନ୍ତି ସହ ପୂଜାର୍ଚ୍ଚନା ପରେ ବିସର୍ଜନ ହୋଇଥିଲା। ଅପରାହ୍ନରେ ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ବସନ୍ତ କୁମାର ସାହାଣୀ, ସମ୍ପାଦକ ଅମରେନ୍ଦ୍ର ଧଳ, କୋଷାଧକ୍ଷ ଧ୍ରୁବଚରଣ ଷଣ୍ଢ, ହୃଦାନନ୍ଦ ସାହାଣୀ, ସନାତନ ଦଳେଇ, ଗଗନ ବିହାରୀ ପଣ୍ଡା, ମନୋଜ ସାହୁ, ମାନସ ପଣ୍ଡା, ରଶ୍ମି ରଞ୍ଜନ ସାହାଣୀ, ଚନ୍ଦନ ବିଶ୍ୱାଳ, ଜଗନ୍ନାଥ ଧଳ ଓ ପବିତ୍ର ସାହାଣୀଙ୍କ ସମେତ ବହୁସଂଖ୍ୟକ ଜନସାଧାରଣଙ୍କ ଗହଣରେ ମା'ଙ୍କୁ ବିରାଟ ଶୋଭାଯାତ୍ରାରେ ଭସାଣି ପାଇଁ ନିଆଯାଇଥିଲା। ଏହି ଅବସରରେ ଗୁରୁଡିଝାଟିଆ ବଜାରଠାରୁ ଛୋଟିଆନ୍ଧ ପୋଖରୀ ପର୍ଯ୍ୟନ୍ତ ରାସ୍ତାରେ ପ୍ରାୟ ସାଢେ ୩ହଜାର ନୂତନ ବସ୍ତ୍ରର ପାହାଡ଼ା ପଡିଥିଲା। ସନ୍ଧ୍ୟା ସାଢେ ୭ଟାରେ ଛୋଟିଆନ୍ଧ ପୋଖରୀରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୁରୁଡିଝାଟିଆ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା।

# 'ସାହସ କବିତାର ସ୍ୱରକୁ ବଳିଷ୍ଠ କରେ'

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ କରୁଣାକର କର ବାର୍ଷିକ ସମ୍ମାନ

କଟକ,୧୯।୪(କାର୍ତ୍ତିକ ସାହୁ)


କାର୍ଯ୍ୟକ୍ରମରେ ଭାଷାବିତ୍ ଡ. ନଟବର ଶତପଥୀଙ୍କୁ ଆର୍ତ୍ତବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ କରୁଣାକର ବାର୍ଷିକ ସମ୍ମାନ ବିଭାଗର ଶ୍ରେଣୀକକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନର ଓଡ଼ିଆ ସାହିତ୍ୟ: କାବ୍ୟସ୍ୱର ଓ କଥାକ୍ଷେତ୍ର ଶୀର୍ଷକ ଆଲୋଚନାଚକ୍ରରେ କବି ଓ ସାହିତ୍ୟ ସମାଲୋଚକ ଅପର୍ଣ୍ଣା ମହାନ୍ତି ଯୋଗଦେଇ କହିଛନ୍ତି, ସମକାଳୀନ ଓଡ଼ିଆ କବିତାର କାବ୍ୟସ୍ୱର ଶାଣିତ। କବିର ସତ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ଓ ସାମାଜିକ ବ୍ୟବସ୍ଥାର ଦୋଷ ତ୍ରୁଟିକୁ ଉନ୍ମୋଚନ କରିବାର ସାହସ ହିଁ କବିତାର ସ୍ୱରକୁ ବଳିଷ୍ଠ କରେ। ମୁଖ୍ୟବକ୍ତା କଥାକାର ଭୀମ ପୃଷ୍ଟି ଓଡ଼ିଆ ଉପନ୍ୟାସରେ କ୍ଷେତ୍ର ଅଧ୍ୟୟନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଭାଷାବିତ୍ ଓ ସମାଲୋଚକ ଡ. ନଟବର ଶତପଥୀଙ୍କୁ ଆର୍ତ୍ତବଲ୍ଲଭ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ଦ୍ୱାରା ରଚିତ କଥାଶିଳ୍ପୀ କିଶୋରୀ ଚରଣ ଦାସଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଅଗ୍ରଦୂତ ପ୍ରକାଶନ ପକ୍ଷରୁ ପ୍ରକାଶିତ କିଶୋରୀ ଚରଣ କଥା କଳନା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଓଡ଼ିଆ ବିଭାଗର ଛାତ୍ରୀ ଲାବଣ୍ୟମୟୀ ପଣ୍ଡା ବିବରଣୀ ପାଠ କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ସାହିତ୍ୟ, ସଂସ୍କୃତି ଓ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତା ବାପୁ ଲେଙ୍କା ମଞ୍ଚ ଓ ମାୟା ପ୍ରସଙ୍ଗରେ ବକ୍ତବ୍ୟ ଦେବା ସହ ଯାଦୁବିଦ୍ୟା ପ୍ରଦର୍ଶନ କରିଥିଲେ। ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱରଚିତ କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। ଏଥିରେ କବି ବିଜୟ ମଲ୍ଲ, ଅମିୟ ରଞ୍ଜନ ମହାପାତ୍ର ଓ ପ୍ରସନ୍ନ କୁମାର ସ୍ୱାଇଁ ବିଚାରକ ଭାବେ ଯୋଗଦେଇଥିଲେ। ଅନ୍ତିମ ପର୍ଯ୍ୟାୟରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ନାଟକ 'ଅମାନିଆ ଢେଉ' ପରିବେଷିତ ହୋଇଥିଲା। ନାଟକର ରଚନା ଓ ନିର୍ଦ୍ଦେଶନା ସୁଧାଂଶୁ ଶେଖର ନାୟକ ଏବଂ ବିରଜା ପ୍ରସାଦ ସଙ୍ଗୀତ ସଂଯୋଜନା କରିଥିଲେ। ସହକାରୀ ପ୍ରଫେସର ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ଓ ଡ. ରାଜା କୁମାର ନାଏକ ଧନ୍ୟବାଦ ଦେଇଥିଲେ। ବିଭାଗର ସଂଯୋଜକ ଡ. ଜ୍ଞାନୀ ଦେବାଶିଷ ମିଶ୍ର ସମ୍ମାନ ସୂଚନା ପ୍ରଦାନ କରିବା ସହ ଅଧ୍ୟକ୍ଷତା କରିଥଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ପ୍ରଫେସର ସଂଘମିତ୍ରା ବେହେରା, ଆଶିଷ ସାହୁ, ଅତିଥି ଅଧ୍ୟାପକ ତ୍ରିଲୋଚନ ଜେନା, ଅଧ୍ୟାପିକା ସରଳା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଫେସର ଗିରିଶ୍ ଚନ୍ଦ୍ର ମିଶ୍ର, ଡ. ବାବାଜୀ ଚରଣ ପଟ୍ଟନାୟକ, ଡ. ଅର୍ଜୁନ ମଲ୍ଲିକ, ରବୀନ୍ଦ୍ର ବିହାରୀ, ନେତାଜୀ ଅଭିନନ୍ଦନ, ଶିବଶଙ୍କର ସାହୁ, ଶୁଚିସ୍ମିତା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

କଟକ,୧୯।୪(କାର୍ତ୍ତିକ ସାହୁ)

ନିର୍ବାଚନ ତାରିଖ ଘୋଷଣା ଦିନଠାରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ସମନ୍ୱିତ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ଏଠାରେ ଉଭୟ ସି-ଭିଜିଲ୍ ଆପ୍ ଓ ଟେଲିଫୋନ୍ ମାଧ୍ୟମରେ ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ବନ୍ଧିତ ଅଭିଯୋଗମାନ ପଞ୍ଜୀକରଣ କରାଯାଇ ୧୦୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଦ୍ୟାବଧି ସି-ଭିଜିଲ୍ ଆପ୍ ମାଧ୍ୟମରେ ମୋଟ ୪୩୦ ଓ ଟେଲିଫୋନ୍ ମାଧ୍ୟମରେ ହୋଇଥିବା ୧୫ଟି ଅଭିଯୋଗର ସମାଧାନ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କରାଯାଇଛି। ଜିଲାରେ ସାଧାରଣ ନିର୍ବାଚନ ପାଇଁ ବେଶ୍ କିଛିଦିନ ବାକି ରହିଛି। ତଥାପି ନିର୍ବାଚନକୁ ନେଇ ଲୋକମାନେ ତତ୍ପର ହୋଇଉଠିଲେଣି। ବିଶେଷକରି ଲୋକମାନେ ବିନା ଅନୁମତିରେ ପୋଷ୍ଟର, ବ୍ୟାନର ଲଗାଇବା ସମ୍ପର୍କରେ ଅଧିକ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆସିବା ମାତ୍ରେ ସେହି ଅଂଚଳର ଫ୍ଲାଇଂ ସ୍କ୍ୱାଡ୍‌କୁ ଅବଗତ କରାଯାଉଛି। ସ୍କ୍ୱାଡ୍ ଅଭିଯୋଗର ତଦନ୍ତ କରି ରିଟର୍ନିଂ ଅଫିସରଙ୍କୁ ରିପୋର୍ଟ ଦେବା ନିମନ୍ତେ ସୂଚନା ଦେଉଛନ୍ତି। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ୧୦୦ ମିନିଟ୍ ମଧ୍ୟରେ ସମ୍ପନ୍ନ ହେଉଛି। ଏଥିସହ ବିନା ଅନୁମତିରେ ଗାଡି ଶୋଭାଯାତ୍ରା, ବ୍ୟାନ୍ ସମୟରେ କ୍ୟାମ୍ପେନିଂ, ଧାର୍ମିକ କିମ୍ବା ସାମ୍ପ୍ରଦାୟିକ ଭାଷଣ/ବାର୍ତ୍ତା ଓ ଅନ୍ୟାନ୍ୟ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଆଦି ସମ୍ପର୍କରେ ମଧ୍ୟ ଲୋକମାନେ ଅଭିଯୋଗ କରୁଛନ୍ତି। ଅଭିଯୋଗ କରୁଥିବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବା ସହ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କଟକ ଜିଲାରେ ଖୋଲାଯାଇଥିବା ସମନ୍ୱିତ କଣ୍ଟ୍ରୋଲ ରୁମ୍‌ରେ ସି-ଭିଜିଲ୍ ଆପ୍ ଓ ଟୋଲ୍ ଫ୍ରି ନମ୍ବର ୧୯୫୦ ବ୍ୟତୀତ ଟେଲିଫୋନ ନମ୍ବର ୦୬୭୧-୨୫୦୭୨୧୨ ଓ ୦୬୭୧-୨୫୦୭୨୧୨ ମାଧ୍ୟମରେ ଅଭିଯୋଗ ଗ୍ରହଣ କରାଯାଉଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଚୌଦ୍ୱାର,୧୯।୪(ଆଶୁତୋଷ ଦାସ)

ଚୌଦ୍ୱାରଠାରେ ଥିବା ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଶୁଖୁଆସାହି ବସ୍ତିର ଲୋକମାନେ ଶୁକ୍ରବାର ଧାରଣାରେ ବସିଥିଲେ। ପ୍ରାୟ ୧ ବର୍ଷ ତଳେ ଉକ୍ତ ବସ୍ତିରେ ଥିବା ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଟୁନା ସିନ୍ଧୁ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମୃତଦେହ ରଖି ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବରପାଇ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଏବଂ ଟିପିସିଓଡିଏଲର ବରିଷ୍ଠ ଅଧିକାରୀ ପହଞ୍ଚି ଆଲୋଚନା କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହିତ ପରିବାରର ଜଣଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ହେଲେ ଇତିମଧ୍ୟରେ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାରକୁ କୌଣସି ସହାୟତା ମିଳିପାରିନାହିଁ। ଫଳରେ ଶୁକ୍ରବାର ବସ୍ତିର କିଛି ଲୋକ ଓ ମୃତକଙ୍କ ପରିବାର ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ଧାରଣାରେ ବସିଥିଲେ। ଖବରପାଇ ଚୌଦ୍ୱାର ପୋଲିସ, ଏସ୍‌ଡିଓ ସମୀର ପଡିହାରୀ, ପୌର ଉପାଧ୍ୟକ୍ଷ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୫ଦିନ ଭିତରେ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ଏସ୍‌ଡିଓ ପଡ଼ିହାରୀ କହିଛନ୍ତି, ମୃତକଙ୍କ ପରିବାର ତରଫରୁ କାଗଜପତ୍ର ଠିକ୍ ଭାବେ ଦାଖଲ କରାଯାଇ ନ ଥିବାରୁ କ୍ଷତିପୂରଣ ପ୍ରଦାନରେ ବିଳମ୍ବ ହୋଇଛି।


ଶୁକ୍ରବାର କଟକ ଗଡ଼ଖାଇଠାରେ ନବକିଶୋର ବେହେରାଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ ମହାଚିତ୍ର ମହୋତ୍ସବକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଏସ୍‌ସିବିରେ ଆହତଙ୍କୁ ଭେଟିଲେ ପଶ୍ଚିମବଙ୍ଗ ମନ୍ତ୍ରୀ

### ଯାଜପୁର ବସ୍ ଦୁର୍ଘଟଣା

କଟକ,୧୯।୪(ଶିଲ୍ପା ପ୍ରିୟଦର୍ଶିନୀ)


ଏସ୍‌ସିବି ମେଡିକାଲରେ ଆହତଙ୍କୁ ଭେଟୁଛନ୍ତି ପଶ୍ଚିମବଙ୍ଗ ମନ୍ତ୍ରୀ ସୁଜିତ୍ ବୋଷ।

ଯାଜପୁର ଜିଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ଛକ ନିକଟ ଓଭରବ୍ରିଜ୍‌ରୁ ସୋମବାର ରାତିରେ ଯାତ୍ରୀବାହୀ ବସ୍ ତଳକୁ ଖସିପଡିଥିଲା। ଏଥିରେ ଅନେକ ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପଶ୍ଚିମବଙ୍ଗର ଅଗ୍ନିଶମ ଓ ଜରୁରିକାଳୀନ ସେବା ବିଭାଗ ମନ୍ତ୍ରୀ ସୁଜିତ୍ ବୋଷ ଶୁକ୍ରବାର ଏସ୍‌ସିବି ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ଡାକ୍ତରଙ୍କ ସହିତ ଆହତଙ୍କ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ବାହାନଗା ଟ୍ରେନ୍ ଦୁର୍ଘଟଣା ଭଳି ଯାଜପୁର ବସ୍ ଦୁର୍ଘଟଣାରେ ଏସ୍‌ସିବି ଡାକ୍ତରଙ୍କ ଭୂମିକା ପ୍ରଶଂସନୀୟ। ଆହତ ଏବଂ ଡାକ୍ତରଙ୍କୁ ଭେଟି ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛି। ଆହତଙ୍କ ମଧ୍ୟରୁ ପୂର୍ବରୁ ଯେଉଁମାନେ ଡିସ୍‌ଚାର୍ଜ ହୋଇଥିଲେ, ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଗନ୍ତବ୍ୟସ୍ଥଳକୁ ନିଆଯାଇଥିଲା। ଏବେ ଯେଉଁମାନେ ଏସ୍‌ସିବିରେ ଅଛନ୍ତି, ସେମାନେ ସୁସ୍ଥ ହେବା ପରେ ସମାନ ସୁବିଧା ଯୋଗାଇ ଦିଆଯିବ ବୋଲି ବୋଷ କହିଛନ୍ତି। ସୂଚନାଯୋଗ୍ୟ, ବସ୍ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୪୬ ଜଣଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଏବେ ୧୮ ଜଣ ଚିକିତ୍ସିତ ହେଉଥିବାବେଳେ ୬ ଜଣଙ୍କୁ ଆଇସିୟୁରେ ରଖାଯାଇଛି।

## ପରମହଂସ, କନ୍ଦରପୁର ପଞ୍ଚାୟତବାସୀଙ୍କୁ ମିଳୁନି ଲକ୍ଷ୍ମୀ ବସ୍ ସେବା

କଟକ ସଦର, ୧୯।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଞ୍ଚଳର ୪ଟି ରୁଟ୍‌ରେ ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଇତିମଧ୍ୟରେ ୩ଟି ରୁଟ୍‌ରେ ବସ୍ ଚଳାଚଳ କରୁଥିବାବେଳେ ଗୋଟିଏ ରୁଟ୍‌ରେ ଆଜିପର୍ଯ୍ୟନ୍ତ ଚାଲିପାରିନାହିଁ। ସେହି ରୁଟ୍ ହେଲା ପରମହଂସ ଓ କନ୍ଦରପୁର ପଞ୍ଚାୟତ। ଲକ୍ଷ୍ମୀ ବସ୍‌ଟି ପରମହଂସ, ଅଥଙ୍ଗା ଓ ବମ୍ଭୁରୀ ଗ୍ରାମ ଦେଇ ବ୍ଲକ କାର୍ଯ୍ୟାଳୟକୁ ଯିବାଆସିବା କରିଥାଏ। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ୪୨ ମୌଜା, ଆୟଉପୁର ଓ ଉରାଳି ରୁଟ୍‌ରେ ୩ଟି ବସ୍ ନିୟମିତ ଚଳାଚଳ କରୁଛି। କିନ୍ତୁ ଏହି ଦୁଇ ପଞ୍ଚାୟତର ଲୋକମାନେ ବ୍ଲକ କାର୍ଯ୍ୟାଳୟକୁ ସୁଲଭ ଦର ୫ଟଙ୍କାରେ ଯିବାଆସିବା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ କଟକସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଦୃଷ୍ଟି ଦିଆଯିବା ପାଇଁ ଦାବି ହେଉଛି।

## ୧୮ ନମ୍ବର ୱାର୍ଡରେ ଜନସମ୍ପର୍କ ପଦଯାତ୍ରା


ଜନସମ୍ପର୍କ ପଦଯାତ୍ରାରେ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ସହ ଅନ୍ୟମାନେ।

କଟକ, ୧୯।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ ଅଧୀନ ୧୮ ନମ୍ବର ୱାର୍ଡରେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଶୁକ୍ରବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛନ୍ତି। ଏହି ସମୟରେ ସେ ୱାର୍ଡ ଅଞ୍ଚଳର ମୁରବି, ବରିଷ୍ଠ ନାଗରିକ, ଯୁବକ ଓ ମହିଳାଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ୱାର୍ଡ ଯୁବ କଂଗ୍ରେସ, ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ବହୁସଂଖ୍ୟାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଗିରିବାଳା ବେହେରା, ସେକ୍ ଲିଆକତ୍ ଉଦ୍ଦିନ ଅହମ୍ମଦ, କର୍ପୋରେଟର ଲିଜାରାଣୀ ରାଉତ, ସେକ୍ ମିନାଜଉଦ୍ଦୀନ, ସେକ୍ ଆବିଦ୍, ଅଫତାବ ନୁର, ଜାବେଦ୍ ହୁସେନ୍, ଅବ୍ଦୁଲ ରଜାକ୍, ଅମ୍ରିତା ଦାସ, ଶରତ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ।


ଆଠଗଡ଼ ବ୍ଲକ ଗୁରୁଡିଝାଟିଆ ଅଞ୍ଚଳରୁ ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାକୁ ଭସାଣି ପାଇଁ ଶୋଭାଯାତ୍ରାରେ ନିଆଯାଉଛି।


ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାକୁ ଶୁକ୍ରବାର ବିସର୍ଜନ ପାଇଁ କଟକ ଦେବୀଗଡା ଘାଟକୁ ନିଆଯାଉଛି।

